


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୩୧ ଭୁବନେଶ୍ୱର ଗୁରୁବାର, ମଇ ୦୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.221 Bhubaneswar, Thursday, May 01, 2025

## ପାକିସ୍ତାନକୁ ଚେତାବନୀ ଦେଲା ଭାରତ



ନୂଆଦିଲ୍ଲୀ,୩୦/୪: ପାହାଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ, ଗତକାଲି (ମଙ୍ଗଳବାର) ଭାରତ ଓ ପାକିସ୍ତାନର ସୈନ୍ୟ ଅପରେସନ୍ ମହାନିର୍ଦ୍ଦେଶକମାନେ ହଟ୍‌ଲାଇନ୍ ମାଧ୍ୟମରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ପାକିସ୍ତାନ ଦ୍ୱାରା ଯୁଦ୍ଧବିରତି ଉଲ୍ଲଂଘନ ବିଷୟରେ ଚର୍ଚ୍ଚା ହୋଇଛି। ଭାରତ ପାକିସ୍ତାନ ସେନା ଦ୍ୱାରା ନିୟନ୍ତ୍ରଣ ରେଖା ବାରମ୍ବାର ଉଲ୍ଲଂଘନ ବିରୁଦ୍ଧରେ ପାକିସ୍ତାନକୁ ଚେତାବନୀ ଦେଇଥିବା ପ୍ରତିରକ୍ଷା ସୂତ୍ରରୁ ରିପୋର୍ଟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନୀ ସୈନ୍ୟ ଜମ୍ମୁ ଓ କାଶ୍ମୀରରେ ଗତ ଛଅ ଦିନ ହେଲା ଗୁଳିମାଡ଼ କରୁଛନ୍ତି ଏବଂ ନିୟନ୍ତ୍ରଣ ରେଖାରେ ବାରମ୍ବାର ଯୁଦ୍ଧବିରତି ଉଲ୍ଲଂଘନ ଜାରି ରଖିଛନ୍ତି, ବୋଲି ସେନା ଅଧିକାରୀମାନେ ସୋମବାର କହିଛନ୍ତି। ପାହାଲଗାମ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ନିର୍ମୂଳ କରିବା ପାଇଁ ଭାରତର ଦୃଢ଼ ଅଭିବ୍ୟକ୍ତି ପରେ ପାକିସ୍ତାନ ସୈନ୍ୟ ହାଇ-ଆଲର୍ଟରେ ରହିଛନ୍ତି। ଜମ୍ମୁ ଓ କାଶ୍ମୀରର ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ନିରୀହ ଲୋକଙ୍କ ଜୀବନ ହାନି ହୋଇଥିଲା, ତା' ପରେ ଭାରତ ଇସଲାମାବାଦ ବିରୁଦ୍ଧରେ କଠୋର ନୀତି ଗ୍ରହଣ କରିବା ପରେ ପାକିସ୍ତାନର ଅସନ୍ତୋଷ ମଧ୍ୟରେ ଏହି ଯୁଦ୍ଧବିରତି ଉଲ୍ଲଂଘନକୁ ଦେଖାଯାଉଛି। ନୂଆଦିଲ୍ଲୀ ପାକିସ୍ତାନ ବିରୁଦ୍ଧରେ ଏକାଧିକ ଦଣ୍ଡାତ୍ମକ ପଦକ୍ଷେପ ଘୋଷଣା କରିଛି, ଯେଉଁଥିରେ ୬୫ ବର୍ଷ ପୁରୁଣା ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା, ଅଟାରୀ ସ୍ଥଳସୀମା ବନ୍ଦ କରିବା, ଏବଂ ପାକିସ୍ତାନୀ ସୈନ୍ୟ ଆଟାଚେଙ୍କୁ ନିର୍ବାସନ ଦେବା ଅନ୍ତର୍ଭୁକ୍ତ। ଏହା ସହିତ, ନୂଆଦିଲ୍ଲୀ ଅଟାରୀ ସ୍ଥଳସୀମା ମାଧ୍ୟମରେ ଭାରତରେ ପ୍ରବେଶ କରିଥିବା ସମସ୍ତ ପାକିସ୍ତାନୀଙ୍କୁ ୧ ମଇ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି। ପାକିସ୍ତାନ ଏହାର ପ୍ରତିକ୍ରିୟାରେ ସମସ୍ତ ଭାରତୀୟ ବିମାନ ସେବା ପାଇଁ ନିଜ ଆକାଶସୀମା ବନ୍ଦ କରିବା ଏବଂ ତୃତୀୟ ଦେଶ ମାଧ୍ୟମରେ ହେଉଥିବା ବାଣିଜ୍ୟ ସମେତ ନୂଆଦିଲ୍ଲୀ ସହ ବାଣିଜ୍ୟ ସ୍ଥଗିତ ରଖିବା ଘୋଷଣା କରିଛି।

## ଚାଷୀଙ୍କୁ ୧୦୨୫ କୋଟିର ସିଏମ୍ କିଷାନ ରାଶି





ଭୁବନେଶ୍ୱର,୩୦/୪: ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ୍ୟ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି। ସେ ପୁଣି କହିଥିଲେ, ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗୀକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗୀକ କ୍ଷେତ୍ରରୁ ଆସିଥାଏ। ଚାଷ ସହିତ ନିଜର ଅନୁଭୂତି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଚାଷ କାର୍ଯ୍ୟ କଠିନ ପରିଶ୍ରମର କାର୍ଯ୍ୟ। ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ଜଳବାୟୁ ଅନୁକୂଳ କୃଷି କାର୍ଯ୍ୟ ଆପଣାଇବା ପାଇଁ ସେ ଚାଷୀ ଭାଇ ଭଉଣୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ପୂର୍ବ ସରକାର ଏମ.ଏସ୍.ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁସନ ଆଣି ଚୁପ୍ ରହିଗଲେ। ଆମେ କଥା ଦେଇଥିଲୁ, କଥା ରଖି ୩,୧୦୦ ଟଙ୍କା ଏମ.ଏସ୍.ପି ଦେଲୁ। ଚାଷୀଙ୍କ ପାଇଁ ଭାବନା ଭଲ ରହିବା ଉଚିତ୍। ସେତେବେଳେ ଇଚ୍ଛା ଶକ୍ତିର ଅଭାବ ଥିଲା, ଏବେ ଆମ ପାଖରେ ଚାଷୀଙ୍କ ଉନ୍ନତି ପାଇଁ ଇଚ୍ଛା ଶକ୍ତି ଅଛି। ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଆମେ ପ୍ରତି ସବ୍‌ଡିଭିଜନ୍‌ରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନେଉଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡା ଓ ବତକ ଚାଷ ପାଇଁ ରିହାତି ସହିତ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ। ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ, ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମ ଠାରେ ଓଡିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଂଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡାହେବ। କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ, ଓୟୁଏଟିର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କୃଷି ଓ କୃଷକ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅକ୍ଷି ମୁଠି ଅନୁକୂଳ କଲେ ରାଜ୍ୟପାଳ



ଭୁବନେଶ୍ୱର: ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି । ଆଜି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର (ଗଞ୍ଜାମ-୨), ଗୋଳନ୍ଥରା ଠାରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ଏବଂ ରାଜ୍ୟବାସୀ ତଥା ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ଜ୍ଞାନ, ନବସୃଜନ ଓ ତାଲିମ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଆହ୍ୱାନ ଜଣାଇଛନ୍ତି । ଉପସ୍ଥିତ କୃଷକମାନଙ୍କ ସହ ରାଜ୍ୟପାଳ ଆଲୋଚନା କରି ସେମାନଙ୍କର ଅନୁଭବ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ କୃଷି କ୍ଷେତ୍ରରେ ଲାଭାନ୍ୱିତ ହେବା ପାଇଁ କୃଷକମାନେ ଆଧୁନିକ ପ୍ରଣାଳୀ ଓ ଜଳବାୟୁ ଅନୁକୂଳ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ ।

### ଛୁଟି ଘୋଷଣା

ଆଜି ୦୧.୦୫.୨୦୨୪ (ଗୁରୁବାର) ମଇ ଦିବସ ଅବସରରେ 'ଜଗନ୍ନାଥ ଏକ୍ସପ୍ରେସ୍' କାର୍ଯ୍ୟାଳୟ ବନ୍ଦ ରହିବ। ୦୩.୦୫.୨୦୨୫ (ଶନିବାର) ଠାରୁ ସମ୍ବାଦ ସରବରାହ ପୂର୍ବବତ୍ ଜାରି ରହିବ।

– ପରିଚାଳକ



ମଇ ଦିବସ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା–ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)

DADLS-19
OIPR- 15001/13/0622/2526

ଶ୍ରମିକ ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଖତ ହେଲାଣି 'ସହାୟ ରଥ': ଭ୍ରାମ୍ୟମାଣ ଶୌଚାଳୟ ବି ନଷ୍ଟ ହେଉଛି



ଭୁବନେଶ୍ୱର,୩୦/୪: ପୁରୁଣା ପୋଷାକକୁ ସଂଗ୍ରହ କରି ସଫା ଓ ଇସ୍ତ୍ରି(ଆଇରନ୍) ପରେ ଗରିବଙ୍କୁ ବାଣ୍ଟିବାକୁ ହୋଇଥିଲା ବଡ଼ ଯୋଜନା। ଏଥିପାଇଁ ନୂଆ ବସ୍(ଓଆର-୦୨ବିଆର-୨୯୭୪) କ୍ରୟ କରାଗଲା, ଯାହାର ନାମ ରହିଲା 'ସହାୟ ରଥ'। ପୁରୁଣା ବସ୍ତ୍ର ସଂଗ୍ରହ ପାଇଁ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟରେ ସ୍ୱତନ୍ତ୍ର କେନ୍ଦ୍ର ବି ଖୋଲାଗଲା। ଡୋର ଷ୍ଟେପ୍ ସଂଗ୍ରହ ପାଇଁ ନମ୍ବର ଜାରି ହେଲା। ବସ୍ ଜରିଆରେ ସଂଗୃହୀତ ବସ୍ତ୍ରକୁ ଇସ୍ତ୍ରି କରି ଗରିବ ଲୋକଙ୍କୁ ବାଣ୍ଟିବାର ଯୋଜନା ହେଲା। ବର୍ଷେ ଚାଲିଛି କି ନାହିଁ, ଏହି ଯୋଜନାକୁ ବନ୍ଦ କରି ଦିଆଗଲା। ଫଳସ୍ୱରୂପ ଏହି ବ୍ୟବସ୍ଥା ପାଇଁ କିଣାଯାଇଥିବା ବସ୍ ଓ ଏହାର ଆସବାବ ପୁରୁଣା ବିଏମ୍‌ସି କାର୍ଯ୍ୟାଳୟରେ ପଡ଼ି ନଷ୍ଟ ହୋଇଗଲାଣି। ପୋଷାକ ସଂଗ୍ରହ ସହ ଏହାକୁ ସଫା ଓ ଇସ୍ତ୍ରି ପାଇଁ ଯେଉଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଥିଲା, ସେଥିରେ ତାଲା ଝୁଲୁଛି। ୨୦୨୧ ମସିହା ଏପ୍ରିଲ ୧ ତାରିଖ ପବିତ୍ର ଉତ୍କଳ ଦିବସରେ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିଲା ଏହି ଯୋଜନା। ତତ୍କାଳୀନ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ବିଏମ୍‌ସି କମିସନର ପ୍ରେମଚାନ୍ଦ ଚୌଧୁରୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶ ସହଯୋଗରେ ଏହି ଯୋଜନା ଆରମ୍ଭ କରିଥିଲା ବିଏମ୍‌ସି। ଯୋଜନା ଅନୁଯାୟୀ, ଧନୀକ ଶ୍ରେଣୀର ଲୋକଙ୍କଠାରୁ ପୋଷାକ ସଂଗ୍ରହ କରି ଏହାକୁ ସଫା କରି ଓ ଆଇରନ୍ ଦେଇ ସହାୟ ରଥ(ବସ୍) ଜରିଆରେ ପ୍ରତି ମୁଖ୍ୟ ଛକ, ବସ୍ତିରେ ଗରିବ, ଅସହାୟ ଲୋକଙ୍କୁ ବିନା ମୂଲ୍ୟରେ ବାଣ୍ଟିବା। ମାସିକ ୧୭ହଜାର ୫୦୦ ପୋଷାକ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ହେଲା। ଏଥିପାଇଁ 'କାଇଣ୍ଡନେସ୍ ହବ୍' ନାଁରେ ମଧୁସୂଦନନଗର ପୁରୁଣା ଏଜି କଲୋନି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ସିଡବ୍ଲ୍ୟୁପିଆଇଏମ୍‌ସି(ସେଣ୍ଟ୍ରାଲ ୱାସିଂ, ପ୍ୟାକେଜିଂ ଆଣ୍ଡ୍ ଇନ୍‌ଭେଣ୍ଟ୍ରି ମ୍ୟାନେଜ୍‌ମେଣ୍ଟ୍ ସେଣ୍ଟର) ଖୋଲିଲା। ବିଏମ୍‌ସି ପକ୍ଷରୁ ୧୦ଜଣ କର୍ମଚାରୀଙ୍କୁ ଏହି କାମରେ ନିୟୋଜିତ କରାଗଲା। ପୋଷାକ ସଂଗ୍ରହ, ସଫା, ଇସ୍ତ୍ରି ଓ ବାଣ୍ଟିବା ଆଦି ପରିଚାଳନା ବାବଦରେ ୧ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ କଲା ବିଏମ୍‌ସି। କ୍ରୟ ବସ୍(ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ)କୁ ଦୋକାନ ଭଳି ଖୋଲି ପ୍ରତିଦିନ ସକାଳ ୯ଟାରୁ ଅପରାହ୍ଣ ୨ଟା ଏବଂ ଅପରାହ୍ଣ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ପୋଷାକ ବଣ୍ଟନ ବ୍ୟବସ୍ଥା ହେଲା। କିଛି ମାସ ଧରି ଭଲରେ ଏହି କାମ ଚାଲିଲା। ସପିଂ ମଲ୍, ଆପାର୍ଟମେଣ୍ଟ ଆଦି ସ୍ଥାନରେ ପୁରୁଣା ପୋଷାକ ପକାଇବା ପାଇଁ ଡ୍ରପ୍ ବକ୍ସ ରଖିବାକୁ ଯୋଜନା ହେଲା। କିନ୍ତୁ ହଠାତ୍ କୋଭିଡ୍ କଟକଣା ଲାଗିବାରୁ ଏହି ଯୋଜନାକୁ ବନ୍ଦ କରି ଦିଆଗଲା। କୋଭିଡ୍ କଟକଣା ହଟିବା ପରେ ପୁଣିଥରେ ଏହା ଆରମ୍ଭ ହେବ ବୋଲି ବିଏମ୍‌ସି ଅଧିକାରୀମାନେ ଘୋଷଣା କଲେ। ଇତିମଧ୍ୟରେ କୋଭିଡ୍ କଟକଣା ହଟିବା ୩ ବର୍ଷ ବିତିଗଲାଣି, କିନ୍ତୁ ବନ୍ଦ ହୋଇଥିବା ଏହି ଯୋଜନା ଆଉ କାର୍ଯ୍ୟକ୍ଷମ ହୋଇପାରିନି। ସେପଟେ ଅଧିକାରୀ ବଦଳିବା ସହ ଏହି ଯୋଜନା ବି ଶୀତଳଭଣ୍ଡାରକୁ ଚାଲିଯାଇଛି। ଫଳସ୍ୱରୂପ ଏଥିପାଇଁ ଥିବା ବସ ପଡ଼ି ପଡ଼ି ନଷ୍ଟ ହୋଇଗଲାଣି। ମହାନଗର ନିଗମର ଶୌଚାଳୟ ଅଭାବକୁ ଦୂର ପାଇଁ ଭ୍ରାମ୍ୟମାଣ ଶୌଚାଳୟର ବ୍ୟବସ୍ଥା କରିଥିଲା ବିଏମସି। ବସ୍‌ଷ୍ଟାଣ୍ଡ୍, ସଭାସମିତି, ପ୍ରଦର୍ଶନୀ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଏହାର ବ୍ୟବହାର ବ୍ୟବସ୍ଥା ହେଲା। ଶୌଚାଳୟର ସଂକ୍ରମଣ ରୋକିବାକୁ ଅତ୍ୟାଧୁନିକ ସୁବିଧା ରହିଲା। ଏଥିପାଇଁ ବଡ଼ ବସ୍(ଓଆର-୦୨ବିଏଚ-୯୨୭୧) କିଣାଗଲା। ଏଥିରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଅଧାଧୁନିକ ଶୌଚାଳୟର ବ୍ୟବସ୍ଥା ହେଲା। କିନ୍ତୁ ଯେଉଁ ଭ୍ରାମ୍ୟମାଣ ଶୌଚାଳୟ(ବସ୍)ର ବ୍ୟବସ୍ଥା କରାଯାଇଥିଲା, ତାହା ଏବେ ପୁରୁଣା ବିଏମ୍‌ସି କାର୍ଯ୍ୟାଳୟରେ ପଡ଼ି ଖତ ଖାଉଛି। ଉଭୟ ଶୌଚାଳୟ ଓ ବସ୍ ଭାଙ୍ଗିରୁଜି ଗଲାଣି। ଶୌଚାଳୟର ଅତ୍ୟାଧୁନିକ ଆସବାବ କେହି ତାଡ଼ି ନେଲେଣି। କେବଳ ସେତିକି ନୁହେଁ, ବସ୍‌ରେ ଥିବା ଡ୍ରାଇଭର ସିଟ୍ ଓ ଅନ୍ୟାନ୍ୟ ସରଞ୍ଜାମ ବି କେହି ଚୋରି କରିନେଲେଣି। ସ୍ଥିତି ଏପରି ହୋଇଛି ଯେ ଏଥିରେ ସାପ ରହିଲେଣି। କୁକୁରଙ୍କ ଏହା ଶୋଇବା ସ୍ଥାନ ପାଲଟିଛି। ପ୍ରାୟ କୋଟିଏ ଟଙ୍କାରେ ତିଆରି ହୋଇଥିବା ଏହି ଭ୍ରାମ୍ୟମାଣ ଶୌଚାଳୟର ଏହି ଅବସ୍ଥା, ସରକାରୀ ଅର୍ଥ କିଭଳି ଅବାଟରେ ବିନିଯୋଗ କରାଯାଉଛି, ତାହା ଦର୍ଶାଉଛି।

## ଶକ୍ତି ପାର୍କ' ନାଁରେ କନ୍‌ଫରେନ୍ସ ହଲ୍ ବେପାର



ଭୁବନେଶ୍ୱର,୩୦/୪: ବନ୍ଦ ପଡ଼ିଥିବା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା)ର ପ୍ରଦର୍ଶନୀ ପ୍ରକଳ୍ପ 'ବିଜୁ ପଟ୍ଟନାୟକ ଶକ୍ତି ପାର୍କ' (ଏନର୍ଜି ପାର୍କ) ବର୍ଷେ ହେବ ଖୋଲିଲାଣି। ମାଗଣାରେ ସାଧାରଣ ଲୋକଙ୍କୁ ବୁଲିବାପାଇଁ ସୁଯୋଗ ମଧ୍ୟ ମିଳିଛି। କିନ୍ତୁ ଦେଖିବା ଭଳି କିଛି ନାହିଁ। ସବୁ ପ୍ରକଳ୍ପ ଉଈ ଖାଇ ଯାଇଛି। ଏହାକୁ ପୁନରୁଦ୍ଧାର କରିବାକୁ ଏବେ ପୁଣି 'ଓରେଡା' ଅଣ୍ଟା ଭିଡ଼ିଛି। ସେଲ୍‌କୋ ଫାଉଣ୍ଡେସନ୍ ସହଯୋଗରେ ଏଠାରେ ନୂଆ ମଡେଲ ଲଗାଇବାକୁ ଯୋଜନା ହୋଇଛି। ଓରେଡା ପକ୍ଷରୁ କୋଳଥିଆରେ ପ୍ରାୟ ୧୦ ହଜାର ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ଏହି ପାର୍କ ୨୦୦୬ ମସିହାରେ ଉଦ୍‌ଘାଟିତ ହୋଇଥିଲା। ସୌରଶକ୍ତି ବ୍ୟବହାର ବାବଦରେ ସଚେତନତା ଓ ଛାତ୍ରଛାତ୍ରୀମାନଙ୍କୁ ସୌରଶକ୍ତି ବିନିଯୋଗ ଜ୍ଞାନ ପ୍ରଦାନ କରିବା ପାର୍କର ମୂଳ ଲକ୍ଷ୍ୟ ଥିଲା। ଜଳବିଦ୍ୟୁତ୍ ପ୍ରକଳ୍ପ ସହ ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ, ସୌରଶକ୍ତିରୁ ରୋଷେଇ ଓ ପାଣି ଗରମ କରିବା, ସୌରଶକ୍ତିଚାଳିତ ଏକାଧିକ ପ୍ରକଳ୍ପ ଏଠାରେ ରହିଥିଲା। ଆଦିତ୍ୟ, ମିତ୍ର, ଉର୍ଜା ସଂସାଧନ କେନ୍ଦ୍ର, ପ୍ରଦର୍ଶନୀ କେନ୍ଦ୍ର, ସମ୍ମିଳନୀ କକ୍ଷ ଆଦି ରହିଥିଲା। ତା ସହିତ ଜଳଫୁଆରା, ସ୍ଲାଇଡ୍, ଦୋଳି ଆଦି ଛୋଟପିଲାଙ୍କ ମନୋରଞ୍ଜନ ଉପକରଣ ରହିଥିଲା। ଏବେ ପୁରୁଣା ମଡେଲ ଗୋଟିଏ ହେଲେ କାମ କରୁନି। କେବଳ ବାହାରେ ଥିବା ସୋଲାର ପ୍ୟାନେଲ୍, ୱାଟର କିଓସ୍କ, ସୋଲାର ଟ୍ରି କୁ ସଜଡ଼ା ଯାଇଛି। ୨୦୧୬ ମସିହା ପରଠାରୁ ଏଠାରେ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ଖରାପ ହେବାରେ ଲାଗିଲା। ୨୦୧୮ରେ ଫନି ସମୟରେ ଏହି ପାର୍କ ଉଜୁଡ଼ି ଯାଇଥିଲା। ପରେ ଓରେଡା କର୍ତ୍ତୃପକ୍ଷ ଏହାକୁ ମରାମତି କରିବାକୁ ଯୋଜନା କରିଥିଲେ। କରୋନା କଟକଣା ସମୟରେ ପାର୍କର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ସ୍ଥିର କରାଯାଇଥିଲା। ପୁନରୁଦ୍ଧାର ପାଇଁ ଓରେଡା ସହ ନ୍ୟାସ୍‌ନାଲ୍ ଏନ୍‌ଭାର୍ଣ୍ଣମେଣ୍ଟ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ନିରି) ୨୦୧୯ ମସିହାରେ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ହେଲେ ଏଠାରେ ଖର୍ଚ୍ଚ ହେବାକୁ ଥିବା ଟଙ୍କା ନେଇ ନିରି ସହ ବିବାଦ ନ ଛିଡ଼ିବାରୁ ଏଥିରୁ ନିରିକୁ ବାଦ୍ ଦିଆଗଲା। ୩ବର୍ଷ ପରେ ଅର୍ଥାତ୍ ୨୦୨୨ ମସିହାରେ ଅଗ୍ରିମ ଆକାରରେ ଇଡ୍‌କୋକୁ ୪୦ ଲକ୍ଷ ଟଙ୍କା ଦିଆଯାଇଥିଲା। ୪ ମାସ ମଧ୍ୟରେ ଏହାକୁ ପ୍ରସ୍ତୁତ କରିବାକୁ କଣ୍ଟ ଦିଆଯାଇଥିଲା। ଇଡ୍ କୋ ପାର୍କର ପାଚେରି ଓ କନଫରେନ୍ସ ହଲ କାମ ସାରି ଚାଲିଯାଇଛି। ଗୋଟିଏ ପଟେ ପାର୍କର ମୂଳ ଉଦ୍ଦେଶ୍ୟ ପୂରଣ ହୋଇନଥିବା ବେଳେ ପାର୍କ ଭିତରେ ଥିବା ଶୀତତାପ ନିୟନ୍ତ୍ରିତ କନ୍‌ଫରେନ୍ସ ହଲ୍‌ର ପୁନରୁଦ୍ଧାର କରାଯାଇଛି। ସେ ହଲ୍‌କୁ ସଭାସମିତି ପାଇଁ ଭଡ଼ାସୂତ୍ରରେ ଦିଆଯାଉଛି। ଅଧା ଦିନ ପାଇଁ ଭଡ଼ା ନେବାକୁ ୩ ହଜାର ଟଙ୍କା ରଖା ଯାଉଥିବା ବେଳେ ପୂରା ଦିନ ପାଇଁ ୫ ହଜାର ଟଙ୍କା ଭଡ଼ା ନିଆଯାଉଛି। ଅନ୍ୟ ପ୍ରକଳ୍ପ ପାଇଁ ଏବେବି ବିଭିନ୍ନ ସଂସ୍ଥା ସହିତ ଆଲୋଚନା ଚାଲିଛି। କେବଳ ଏହି କନ୍‌ଫରେନ୍ସ ହଲ୍ ଭଡ଼ାରେ ଲଗାଇବା ପାଇଁ ହିଁ ପାର୍କ ଖୋଲା ଯାଇଥିବା ସ୍ପଷ୍ଟ ହୋଇଛି। ସେଥିପାଇଁ ପୂର୍ବରୁ ଜଣପିଛା ୧୦ଟଙ୍କା ପ୍ରବେଶ ଶୁଳ୍କ ଥିବା ବେଳେ ଏବେ ପ୍ରବେଶ ଦେୟମୁକ୍ତ ରହିଛି। ଏ ସମ୍ପର୍କରେ ଏନର୍ଜି ପାର୍କର ଦାୟିତ୍ୱରେ ଥିବା ମହେଶ୍ୱର ବଡ଼ଜେନାଙ୍କ କହିବା କଥା, ନୂଆ ଥିମରେ ପାର୍କକୁ ତିଆରି କରିବାକୁ ସବୁ ଯୋଜନା ଚାଲିଛି। ଖେଳରେ ଖେଳରେ ପିଲା ଆଧୁନିକ ଜ୍ଞାନ ଆହରଣ ପାଇଁ କମ୍ପ୍ୟୁଟର ଲଗାଯିବ। ଏହାସହ ସୌରଚାଳିତ ପାଣି ଉଠା ପ୍ରକଳ୍ପ, ଲଣ୍ଠନ, ଆଖୁପେଡ଼ା ମେସିନ ଭଳି ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଲଗାଯିବ।

# କନ୍ଧମାଳ ଜିଲ୍ଲା ସମବାୟ କାର୍ଯ୍ୟାଳୟରେ ମଧୁବାବୁ ଜୟନ୍ତୀ ପାଳିତ





ଫୁଲବାଣୀ ତା,୩୦/୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲା ପରିଷଦ ସଭାଗୃହଠାରେ ଉତ୍କଳ ଗୌରବ ଗୌରବ ମଧୁ ବାବୁଙ୍କ ଜୟନ୍ତୀ ପାଳନ କରିବା ସହିତ ତାଙ୍କର ସମବାୟ ବିକାଶରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ଡିସେମ୍ବର୨୦୨୫ପର୍ଯ୍ୟନ୍ତ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବର୍ଷ ବ୍ୟାପି କାର୍ଯ୍ୟକ୍ରମ ଜିଲାରେ ଅନୁଷ୍ଠିତ ହେଉଛି।ସମବାୟ ମାଧ୍ୟମରେ ଓଡିଶା ବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଉତ୍କଳ ଗୌରବ ମଧୁ ସୁଦନ ଦାସ ପ୍ରଥମେ ମୂଳଦୁଆ ପକାଇଥିଲେ।ଦେଶରେ ସମବାୟ ଆନ୍ଦୋଳନ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସ କଟକରେ ଖାଉଟି ସମବାୟ ଭଣ୍ଡାର ଆରମ୍ଭ କରିଥିଲେ । ଉତ୍କଳ ଟ୍ୟାନେରୀ ମାଧ୍ୟମରେ ସମବାୟ ଆନ୍ଦୋଳନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲେ। କନ୍ଧମାଳ ଜିଲ୍ଲାରେ କୃଷି, ମତ୍ସ୍ୟ, ପ୍ରାଣିପାଳନ,ଉଦ୍ୟାନ, ଗୋପାଳନ,ଛତୁଚାଷ, ଇତ୍ୟାଦି ସହିତ ହୋଟେଲ, ସ୍କୁଲ କଲେଜ,ହସପିଟାଲ ଇତ୍ୟାଦି ନୂଆ କ୍ଷେତ୍ରରେ ସମବାୟକୁ ସାମିଲ କରିବା ଆବଶ୍ୟକତା ରହିଛି । ସମବାୟବିତ ମାନଙ୍କ ସହଯୋଗରେ ମହିଳା ଓ ଯୁବ ସମାଜକୁ ଅଧିକ ଆର୍ଥିକ ସ୍ୱାବଲମ୍ବି କରିବା ଆବଶ୍ୟକଅଛି । କିନ୍ତୁ ଓଡିଶାରେ ସମବାୟ ସମ୍ପର୍କରେ ଇଛାଶକ୍ତି ଅଭାବ ସାଙ୍ଗକୁ ପ୍ରଚାର ପ୍ରସାର ହୋଇପାରୁନ ଥିବା ଓ ଜନସାଧାରଣ ଙ୍କୁ ଅଧୀକ ମାତ୍ରାରେ ସମବାୟ ସଂସ୍ଥା ପ୍ରତି ଆକୃଷ୍ଟ କରିବା କାର୍ଯ୍ୟ ବହୁ ପଛରେ ରହିଯାଇଛି, ଯଦ୍ୱାରା ଜନସାଧାରଣ ଙ୍କ ସମବାୟ ପ୍ରତି ଆଗ୍ରହ ଦେଖିବାକୁ ମିଳୁନାହିଁ । ଜିଲ୍ଲାରେ ସମବାୟ ଆଜି ଗରିବ ଜନସାଧାରଣଙ୍କର ହୋଇ ରହିନାହିଁ। ପରିଚାଳନା ଗତ ତୃଟି ଯୋଗୁଁ ଏହି ସଂସ୍ଥା ଆଜି ଜନସାଧାରଣଙ୍କ ଆଶା ପୂରଣ କରିପାରୁନାହିଁ ଆସ୍ଥା ଭାଜନ ହୋଇପାରୁନାହିଁ । ଏହି ଅବସରରେ ଉପନିବନ୍ଧକ ସମବାୟ ସମିତି ସମୂହ ଶ୍ରୀ ତୃପ୍ତି କଲ୍ୟାଣ ସେଠୀଙ୍କ ପୌରୋହିତ୍ୟରେ ସମବାୟ ଆନ୍ଦୋଳନରେ ମଧୂସୁଦନ ଦାସଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କନ୍ଧମାଳ ଅତିରିକ୍ତ ଜିଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ମାଧ୍ୟମରେ ଗରିବ ଜନସାଧାରଣଙ୍କ ଆର୍ଥିକ ବିକାଶ ସମ୍ଭବ ବୋଲି କହିଥିଲେ । ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ ସଞ୍ଜିବ ପଟେଲ ଯୋଗ ଦେଇ ପ୍ରାଣୀ ପାଳନ ସମବାୟ ମାଧ୍ୟମରେ ରୋଜଗାର ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ରାମକୃଷ୍ଣ ମହାନ୍ତି ମଧୂସୁଦନ ଦାସ ଙ୍କ ଜୀବନି ଓ ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ବ୍ୟାପକ ଭାବେ ବକ୍ତବ୍ୟ ରଖିଥିଲେ। ଉପକୃଷି ନିର୍ଦ୍ଦେଶକ ତୁଷାର କାନ୍ତି ତୁଙ୍ଗ, ସହକାରୀ ଉପନିବନ୍ଧକ, ଲଳିତ ମାଝି, ଜିତେନ୍ଦ୍ର ମିଶ୍ର, ପ୍ରମୁଖ ଏହି ଦିବସରେ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିବା ବେଳେ ଏସ ଆରସି ଗଙ୍ଗାଧର କହଁର , ଜ୍ୟୋତୀର୍ମୟୀ ପ୍ରଧାନ,ବରିଷ୍ଠ ଆଇନଜୀବୀ,ସମାଜ ସେବି, ସମବାୟ ଆନ୍ଦୋଳନ ର ପ୍ରବକ୍ତା ଶ୍ରୀ ଅଶୋକ ପରିଡା, ସତ୍ୟଜିତ ବେହେରାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଆମ ଓଡ଼ଶା ସହଯୋଗରେ ଅନୁଷ୍ଠିତ ରକ୍ତ ଦାନ ଶିବିରରେ ୫୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


## ଗୋଷ୍ଠୀ କନ୍ଦଳର ବାରୁଦ ଗଦାରେ ଯାଜପୁର ଜିଲ୍ଲା ବିଜେପି (ଦେବଜାନୀ ଙ୍କୁ ଦାୟିତ୍ୱ ଦେଇ ଅକଳରେ ରାଜ୍ୟ ନେତୃତ୍ୱ)



ଯାଜପୁର,୩୦/୦୪ : ଯାଜପୁର ଜିଲ୍ଲାରେ ଭାରତୀୟ ଜନତା ପାର୍ଟିର ଗୋଷ୍ଠୀ କନ୍ଦଳ ବିସ୍ଫୋରଣ ରୂପ ନେବାକୁ ବସିଛି । ଯାଜପୁର ଜିଲ୍ଲା ବିଜେପି ସଭାପତି ଘୋଷଣା କୁ ଆଜକୁ ପ୍ରାୟ ୩ ମାସ ବିତିଯାଇଥିଲେ ମଧ୍ୟ ଦେବଜାନୀ ପ୍ରଧାନ ତାଙ୍କର ଜିଲ୍ଲା କିମ୍ବା ନଗର ଟିମ୍ ପ୍ରସ୍ତୁତି କରି ପାରି ନାହାଁନ୍ତି। ଜିଲ୍ଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଘୋର ଗୋଷ୍ଠୀ କନ୍ଦଳ ଦେଖାଦେଇଛି।ଅନ୍ୟପଟେ ମୁଖ୍ୟ ବିରୋଧୀ ଦଳ ବିଜୁ ଜନତା ଦଳ ତାର ଜିଲ୍ଲା ସଭାପତି ସରୋଜ ମହାପାତ୍ର ଜିଲ୍ଲା ରେ ତାଙ୍କ ଟିମ୍ ପ୍ରସ୍ତୁତି କରିବାରେ ଲାଗିପଡିଛନ୍ତି। ଭାରତୀୟ ଜନତା ପାର୍ଟିର ପୂର୍ବତନ ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ ଙ୍କ ପରେ ଯେମିତି ଜିଲ୍ଲା ବିଜେପି ମୁରବୀ ଶୂନ୍ୟ ହୋଇପଡିଥିବା ଦେଖିବାକୁ ମିଳୁଛି। ଜିଲ୍ଲା ବିଜେପିର ବର୍ତ୍ତମାନ ସଭାପତି ଶ୍ରୀମତୀ ପ୍ରଧାନ ଜିଲ୍ଲା ସାରା ବିଜେପି ର ଗୋଷ୍ଠୀ କନ୍ଦଳ ଦେଖି ଅସହାୟ ଅବସ୍ଥାରେ ଥିବା ମନେ ହୁଏ। ଯାଜପୁର କୁ ରାଜ୍ୟ ବିଜେପି ନେତା କିମ୍ବା ମନ୍ତ୍ରୀଙ୍କ ଗସ୍ତ ଖବର ମଧ୍ୟ ଶ୍ରୀମତୀ ପ୍ରଧାନ ଙ୍କ ପାଖରେ ରହୁନଥିବା କର୍ମୀ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ଯାଜପୁର ଜିଲ୍ଲା ବିଜୁଜନତା ଦଳ ପ୍ରତିଦିନ ଦଳୀୟ କାର୍ଯ୍ୟକର୍ମ କରି ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲାଣି। ଯଦି ରାଜ୍ୟ ବିଜେପି ର ଉଚ୍ଚ ପଦାଧିକାରୀ ଯାଜପୁରରେ ଜିଲ୍ଲା ବିଜେପି ର ଗୋଷ୍ଠୀକନ୍ଦଳକୁ ପ୍ରଶମିତ କରିବାକୁ ପଦକ୍ଷେପ ନ ନିଅନ୍ତି ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟିକୁ ଅନେକ କ୍ଷତି ସହିବାକୁ ହେବ।

## ଫୁଲବାଣୀରେ ନଟରାଜ କଳା ମନ୍ଦିରର ବିଶ୍ୱ ନୃତ୍ୟ ଦିବସ ଉତ୍ସବ ୨୦୨୫ ଅନୁଷ୍ଠିତ









ଫୁଲବାଣୀ ତା,୩୦ / ୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲାର ଅଗ୍ରଣୀ ନୃତ୍ୟାନୁଷ୍ଠାନ ' ନଟରାଜ କଳା ମନ୍ଦିର ' ଦ୍ୱାରା ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଫୁଲବାଣୀ କୋର୍ଟଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ତଥା ସଭଗୃହରେ ନଟରାଜ କଳା ମନ୍ଦିର ର ପ୍ରତିଷ୍ଠାତା ତଥା ଯୁବ ଓଡ଼ିସୀ ନୃତ୍ୟ ଗୁରୁ ତଥା ନଟରାଜ କଳା ମନ୍ଦିର ନୃତ୍ୟାନୁଷ୍ଠାନ ର ନିର୍ଦ୍ଧେଶକ ଶ୍ରୀ ବିନୋଦ ଚନ୍ଦ୍ର ସାହୁଙ୍କ ପ୍ରତକ୍ଷ୍ୟ ତତ୍ତ୍ୱବଧାନରେ ବିଶ୍ୱ ନୃତ୍ୟ ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ବିଶ୍ୱ ନୃତ୍ୟ ଦିବସ ବା WORLD DANCE DAY ରେ ବରେଣ୍ୟ ମୁଖ୍ୟ ଅତିଥିଭାବେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ ଯୋଗଦାନ କରିଥିବା ବେଳେ ସନମାନୀତ ଅତିଥିଭାବେ ଜିଲ୍ଲା ଗ୍ରାମ୍ୟ ଉର୍ଣ୍ଣୟନ ପ୍ରକଳ୍ପ ନିର୍ଦ୍ଧେଶକ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଙ୍କ ସହିତ ଫୁଲବାଣୀ ଆଦିବାସୀ ଉର୍ଣ୍ଣୟନ ପ୍ରକଳ୍ପ ପ୍ରଶାସକ ତଥା ସୁ ସାହିତ୍ୟକ,ଲେଖକ,ପ୍ରକୃତି କବି, ସୁ -ବକ୍ତା ଶ୍ରୀ ଗଦାଧର ପାତ୍ର, ଓ ଜାତୀୟ ସଂଗୀତ ନାଟକ ଏକାଡେମୀ ର ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଓଡ଼ିସୀ ନୃତ୍ୟ ଗୁରୁ ଶ୍ରୀ ରତିକାନ୍ତ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠି, ଏବଂ ଫୁଲବାଣୀ ସହରର ଜଣାଶୁଣା ବିଶିଷ୍ଟ ବିଶିଷ୍ଟ ବ୍ୟବସାୟୀ ତଥା ସମାଜ ସେବି ଶ୍ରୀ ଦେବେନ୍ଦ୍ର ପାତ୍ର ଓ ଶ୍ରୀ ଉମାଶଙ୍କର ପାତ୍ର ସମେତ ଫୁଲବାଣୀ ଲେଖକ ସାମ୍ମୁଖ୍ୟ ର ସାଧାରଣ ସମ୍ପାଦକ ଶ୍ରୀ ପ୍ରସନ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରି ମହାପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଉଦଘାଟନ କରିଥିଲେ । ଏହାପରେ ମଂଚାସୀନ ଅତିଥି ମାନଙ୍କ ଅନୁଷ୍ଠାନ ତରଫରୁ ପୁଷ୍ପ ଗୁଚ୍ଛ ସହିତ ଉପଢୌକନ ପ୍ରଦାନ କରାଯାଇ ସନମାନୀତ କରାଯାଇଥିଲା । ଏହାପରେ ନଟରାଜ କଳା ମନ୍ଦୀର ର ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିର୍ନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା, ନୃତ୍ୟ ସଂଗୀତ ପରିବେଷଣ ମଧରେଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ କୁ ଅଗ୍ରାଧିକାର ଭିତିରେ ପରିବେଷଣ କରିଥିଲେ ଅନୁଷ୍ଠାନ ର କଳାକାର ମାନେ, ବିଶେଷ ଘଟଣା ହେଉଛି ଅନୁଷ୍ଠାନର ସମସ୍ତ କଳାକାର ମାନେ ଫୁଲବାଣୀ ସହରର ନାମୀ ଦାମୀ ପରିବାରର ହୋଇଥିବା ବେଳେ ଫୁଲବାଣୀ ବ୍ଲକ ଗଂଞ୍ଜୁଗୁଡା ଗ୍ରାମ ଏକ ସାଧାରଣ କୁମ୍ଭକାର ସମ୍ପ୍ରଦାୟ ଶ୍ରୀ ବିପିନ ବାହାରି ରଣା ମା ଜଣେ ଗୃହିଣୀ ଶ୍ରୀମତୀ ସୌଦାମିନୀ ରଣାଙ୍କର ୧୨ ବର୍ଷର ଝିଅ ପ୍ରିୟ ଦର୍ଶନୀ ରଣା ଗଞ୍ଜଗୁଡା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଡିବା ସହିତ ନୃତ୍ୟ ଶିକ୍ଷା କରି ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକ ମାନଙ୍କ ମନ କିଣିନେଇଥିଲେ, ଏତଦ ସଂଗେ ସଂଗେ ନଟରାଜ କଳା ମନ୍ଦିର ଛାତ୍ର ଛାତ୍ରୀ ମାନେ ସମସ୍ତେ ଉଚ୍ଚ କୋଟିର ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ର ମୁଗ୍ଧ କରି ବାନ୍ଧିରଖିଥିଲେ, ଓ ନଟରାଜ କଳାମନ୍ଦିର ର ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ଶ୍ରୀ ଲକ୍ଷ୍ମୀ ନାରାୟଣ ପୁରୋହିତ,ଏବଂ ଅତି ସୁନ୍ଦର ଭାବେ କାର୍ଯ୍ୟକ୍ରମ ଆରମ୍ଭରୁ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ତଥା ଘୋଷକ ଶ୍ରୀ ଅଶୋକ ମହାନ୍ତି ଓ ଜିଲ୍ଲାର ବିଶିଷ୍ଟ କଳାକାର ଶ୍ରୀ ସୁରେଶ କୁମାର ନାୟକ ମଞ୍ଚକୁ ଅତି ସରଷ ସୁନ୍ଦର ରୁଚିବନ୍ତ ଜୀବନ୍ତ କରିଥିଲେ, ଦର୍ଶକ ମାନେ ଖୁବ ଉପଭୋଗ କରୁଥିଲେ, କନ୍ଧମାଳ ଜିଲ୍ଲାରେ ନଟରାଜ କଳା ମନ୍ଦିର ନୃତ୍ୟାନୁଷ୍ଠାନ ଦ୍ୱାରା ବିଶ୍ୱ ଡ୍ୟାନ୍ସ ଡେ ବା ବିଶ୍ୱ ନୃତ୍ୟ ଦିବସ ପାଳନ କରାଯାଇଥିବାରୁ ଉପସ୍ଥିତ ଶତାଧିକ ଦର୍ଶକ ତଥା ସହରର ବୁଦ୍ଧିଜୀବୀ, କଳାପ୍ରେମୀ,ଙ୍କ ସହିତ ଜିଲ୍ଲାର କଳାକାର ମାନେ ଭୁୟସୀ ପ୍ରଶଂସା କରିଥିଲେ ।

## ଡିଷ୍ଟ୍ରିକ୍ଟ ଲୟର୍ସ ପକ୍ଷରୁ ଆଇନଜୀବୀ ଦିବସ ଆସୋସିଏସନ ପାଳନ

ଯାଜପୁର,୩୦/୪ : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଯାଜପୁର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଇନଜୀବୀ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ତଥା ଓଡ଼ିଶା ଷ୍ଟେଟ୍ ଲ- କମିଶନର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିଥିଲେ। ଦୀପ୍ତିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଓ ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ମଧୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ ଅତିଥି ଭାବେ ଓଡ଼ିଶା ଲୟର୍ସ ଆସୋସିଏସନର ସଭାପତି ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଆଇନ ପରିଷଦ ଉପାଧ୍ୟକ୍ଷ ରାଜୀବ ମହାନ୍ତି, ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ସଭାପତି ପ୍ରତାପ ରାୟ, ସମ୍ପାଦକ ମାନଗୋବିନ୍ଦ ଧଳ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

# ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ



ଯାଜପୁର, ତା ୩୦.୦୪.୨୦୨୫ ରିଖ : ଆଜି ପବିତ୍ର ଅକ୍ଷୟ ତୃତୀୟ ଦିବସ ଅବସରରେ ପଣସା ଗ୍ରାମର ଗ୍ରାମପଞ୍ଚାୟତ ଠାରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ଓଡ଼ିଶାର ସମଗ୍ର ଚାଷ ଭାରତୀୟ ସଂସ୍କୃତି ସହିତ ଜଡ଼ିତ। ଆଜିର ଦିନରେ ଚାଷୀ ଭାଇ ମାନେ ଧାନ ବୁଣିବେ ଏବଂ ଆମ୍ଭ ମାନଙ୍କୁ ବର୍ଷକ ପର୍ଯ୍ୟନ୍ତ ଆହାର ଯୋଗାଇଦେବେ। ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଭାରତ ଭାବେ ଗଢିତୋଳିବାକୁ ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଭାରତକୁ ଚାରୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି। ଯେଉଁଥିରେ କୃଷକ ସଶକ୍ତିକରଣ ଅନନ୍ୟ ଅଟେ। ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଚାଷୀ ଭାଇଙ୍କୁ ସୁଦୃଢ଼ କରିବାକୁ ପଡ଼ିବ ଏବଂ କୃଷିକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। କୃଷକ ମାନଙ୍କ ନିମିତ୍ତ ପ୍ରଣୀତ ସମସ୍ତ ସରକାରୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବା ଦରକାର ଏବଂ ଚାଷୀ ଭାଇମାନଙ୍କ ପାଖରେ ପହଞ୍ଚିବା ଦରକାର ଯାହା ଫଳରେ ସେମାନେ ଉପକୃତ ହୋଇପାରିବେ। ଏହି ପବିତ୍ର ଦିବସରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ କହିଲେ ଆଜିର ଏହି ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ମୁଁ ଆଶା କରୁଛି ଏହି ବର୍ଷ ଆମ ଜିଲ୍ଲାରେ ତଥା ରାଜ୍ୟରେ ବହୁତ୍ ଭଲ ଫସଲ ହେଉ ଏବଂ ବର୍ଷା ମଧ୍ୟ ହେଉ ଯାହା ଫଳରେ ଚାଷୀମାନେ ଭଲ ଫସଲ ପାଇପାରିବେ ଏବଂ ଉପକୃତ ହୋଇପାରିବେ। କୃଷକ ମାନଙ୍କ ପାଇଁ ସରକାରଙ୍କ ପ୍ରଣୀତ ବିଭିନ୍ନ ଯୋଜନା କିପରି ସେମାନଙ୍କ ନିକଟରେ ସହଜରେ ପହଞ୍ଚି ପାରିବ ଏବଂ ପ୍ରତିଟି ଯୋଜନା ବିଷୟରେ ସେମାନେ ଅବଗତ ହୋଇପାରିବେ ସେଥିପ୍ରତି ଆମେ କାର୍ଯ୍ୟ କରିବୁ। ଜୈବିକ ପଦ୍ଧତିରେ କମ୍ ସାର ପ୍ରୟୋଗ କରି କିପରି ଭଲ ଫସଲ ଉତ୍ପାଦନ କରାଯାଇପାରିବ ଏଥି ପ୍ରତି ମଧ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଉକ୍ତ ଦିବସରେ ଯୋଗଦେଇ ମାନ୍ୟବର ବିଧାୟିକା, ଯାଜପୁର ଶ୍ରୀମତୀ ସୁଜାତା ସାହୁ ସମସ୍ତଙ୍କୁ ପବିତ୍ର ଅକ୍ଷୟ ତୃତୀୟା ଦିବସର ଶୁଭେଚ୍ଛା ଜଣାଇବା ସହ କହିଲେ ପବିତ୍ର ଅକ୍ଷୟ ତୃତୀୟା ହେଉଛି ପ୍ରତ୍ୟେକ ଓଡ଼ିଆ ଘରର ପାରମ୍ପରିକ ପର୍ବ ସମସ୍ତ ଚାଷୀ ଭାଇ ମାନେ ଆଜି ଏହି ପର୍ବ ପାଳନ କରୁଛନ୍ତି। ଆଜିର ଦିନରେ ମା ଲକ୍ଷ୍ମୀଙ୍କୁ ସ୍ମରଣ କରି ଅକ୍ଷୀ ମୁଠି ବୁଣାଯାଏ। ମୁଁ ଆଶା କରିବି ଏ ବର୍ଷ ବହୁତ ଭଲ ଫସଲ ହେଉ ଏବଂ ଚାଷୀ ଭାଇଙ୍କ ମୁହଁରେ ହସ ଫୁଟୁ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ବେହେରା ଯୋଗଦେଇ କହିଲେ ଯେପରି ସମସ୍ତ କୃଷି ସାମଗ୍ରୀ ଚାଷୀ ଭାଇଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେବୁ। ଯାଜପୁର ଜିଲ୍ଲାରେ କୃଷି ବିଦ୍ୟାନିଧି କାର୍ଯ୍ୟକ୍ରମ ଜରିଆରେ ବୈଷୟିକ କ୍ଷେତ୍ରରେ ପାଠ ପଢୁଛନ୍ତି ତନ୍ମଧ୍ୟରୁ ୧୨୩୮ ଜଣ ଉପକୃତ ହୋଇ ୫ କୋଟି ୧୭ ଲକ୍ଷ୍ୟ ଟଙ୍କା ପାଇ ପାରୁଛନ୍ତି। ଆଜି ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ସି.ଏମ କିଷାନ୍ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ କରାଯାଇଥିଲା।ଯାଜପୁର ଜିଲ୍ଲାରେ ୨୩୭୮୯୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ୨୧୭୦ ଜଣ ଭୂମିହୀନ କୃଷି ଶ୍ରମିକ ସି. ଏମ କିସାନ ସହାୟତା ରାଶି ପାଇଛନ୍ତି। ଆଜିର ଏହି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାଷୀ,କୋରେଇ ବ୍ଲକର ଅଭିମନ୍ୟୁ ସାହୁ, ଦଶରଥପୁରର ରଜତ ମହାପାତ୍ର, ବରୀ ବ୍ଲକର ଶୈଳବାଳା ଦାସ, ରସୁଲପୁର ବ୍ଲକର ତପନ ମହାରଣା, ଯାଜପୁର ବ୍ଲକର ସୁଧୀର କୁମାର ଧଳ, ଧର୍ମଶାଳା ବ୍ଲକର ଅକ୍ଷୟ କୁମାର ମିଶ୍ର, ସୁକିନ୍ଦା ବ୍ଲକର ଜଗବନ୍ଧୁ ତରାଇ, ଦାନଗଦି ବ୍ଲକର ରାମଚନ୍ଦ୍ର ସାହୁ, ବିଂଝାରପୁର ବ୍ଲକର ଗଜେନ୍ଦ୍ର ମଲ୍ଲିକ, ବଡ଼ଚଣା ବ୍ଲକର ଦିଲୀପ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ଦିବସରେ ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ, ଶ୍ରୀ ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ସରପଞ୍ଚ ପଣସା ଶ୍ରୀ କୁଳମଣି ପରିଡ଼ା, ସମସ୍ତ କୃଷି ଓ ଆନୁଷଙ୍ଗିକ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ କର୍ମକର୍ତ୍ତା, ବିଭିନ୍ନ ବ୍ଲକ୍ ରୁ ଆସିଥିବା କୃଷକ ମାନେ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ବରିଷ୍ଠ କୃଷିବିତ୍ ତଥା ପୂର୍ବତନ କୃଷି ଜିଲ୍ଲା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସଂପାଦକୀୟ

# ବିଦ୍ୟାଳୟ ଶିକ୍ଷାର ନବ କଳେବର

ଶିକ୍ଷା ହେଉଛି ଗୋଟିଏ ଦେଶର ସମୃଦ୍ଧି ଓ ବିକାଶର ମାନଦଣ୍ଡ। ଯେଉଁ ଜାତି ଯେତେ ଅଧିକ ସଭ୍ୟ ଓ ଶିକ୍ଷିତ, ତାହା ସେତିକି ବିକଶିତ ଜାତି ରୂପେ ଗଣ୍ୟ ହୋଇଥାଏ। ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରିଥିଲେ ମଧ୍ୟ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ରହିଛି। ଶିକ୍ଷାର ମୂଳଦୂଆ ବିଦ୍ୟାଳୟରୁ ହିଁ ପଡିଥାଏ ଏବଂ ଯେଉଁ ଛାତ୍ରଛାତ୍ରୀ ମୂଳରୁ ଭଲ ପାଠ ପଢ଼ି ସଫଳତା ପାଆନ୍ତି, ସେମାନେ ଭବିଷ୍ୟତରେ ନିଜ ଜୀବନକୁ ଗଢ଼ିବାରେ ସକ୍ଷମ ହୋଇଥାନ୍ତି। ସେହି ଦୃଷ୍ଟିରୁ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଓଡିଶା ସରକାର ଗତ କିଛି ବର୍ଷ ହେଲା ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଅନେକ ଗୁଡିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉନ୍ନତ ମାନର ଶିକ୍ଷାଦାନ ପାଇଁ ଅଳ୍ପ କିଛି ବର୍ଷ ତଳେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରା ଯାଇଥିଲା। ପରବର୍ତ୍ତୀ ସମୟରେ 'ମୋ ସ୍କୁଲ୍' ନାମରେ ଏକ ଅଭିନବ ଯୋଜନାର ଶୁଭାରମ୍ଭ କରାଗଲା, ଯଦ୍ୱାରା ସମାଜରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ଅତୀତରେ ନିଜେ ଶିକ୍ଷା ଲାଭ କରିଥିବା ବିଦ୍ୟାଳୟର ଉନ୍ନତିକରଣରେ ସାମିଲ ହେବାର ସୁଯୋଗ ପାଇ ପାରିଛନ୍ତି। ପୁରାତନ ଛାତ୍ରଛାତ୍ରୀମାନେ ମିଳିତ ଭାବରେ ନିଜ ବିଦ୍ୟାଳୟର ପ୍ରଗତି ନିମନ୍ତେ ଯେତିକି ଅର୍ଥ ପ୍ରଦାନ କରୁଛନ୍ତି, ରାଜ୍ୟ ସରକାର ତାହାର ଦୁଇଗୁଣ ଅର୍ଥ ମଞ୍ଜୁର କରିବା ଲାଗି ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ସମ୍ଭବପର ହୋଇ ପାରୁଛି। ଏଇ ନିକଟରେ ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ମାଧ୍ୟମିକ ବିଦ୍ୟାଳୟ ଗୁଡିକର ସର୍ବାଙ୍ଗୀନ ବିକାଶ ପାଇଁ ଏକ ବଡ ଅଭିଯାନ ଆରମ୍ଭ ହୋଇଛି। ଗତ ଅଗଷ୍ଟ ମାସରେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁରୁ ଏହି ଯୋଜନାର ଶୁଭାରମ୍ଭ କରା ଯାଇଥିବା ସ୍ଥଳେ ତିନି ଦିନ ପୂର୍ବେ ଯାଜପୁରରେ ଏହାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସାରା ରାଜ୍ୟରେ ୩୦ଟି ଜିଲ୍ଲାର ୧୦୭୮ଟି ବିଦ୍ୟାଳୟର ରୂପାନ୍ତର କାର୍ଯ୍ୟ ଶେଷ ହୋଇଥିବା ସ୍ଥଳେ ଦ୍ୱିତୀୟ ପର୍ଯ୍ୟାୟରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ୨୦୨୨ ମାର୍ଚ୍ଚ ୫ ତାରିଖ ସୁଦ୍ଧା ୩୩୬୫ଟି ବିଦ୍ୟାଳୟ ରୂପାନ୍ତରିତ ହେବ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ବିଦ୍ୟାଳୟ ରୂପାନ୍ତରୀକରଣ ଅଭିଯାନ ମାଧ୍ୟମରେ ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ୫-ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବପର ହୋଇ ପାରୁଛି। ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନସ୍‌ପାରେନ୍ସି ଓ ଟ୍ରାନ୍ସଫର୍ମେସନ ଏହି ପାଞ୍ଚଟି ଲକ୍ଷ୍ୟ ହାସଲକୁ ୫-ଟି ଆଖ୍ୟା ଦିଆ ଯାଇଛି। ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣ ଅଭିଯାନ ଦ୍ୱାରା ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, କମ୍ପ୍ୟୁଟର, ଆଧୁନିକ ବିଜ୍ଞାନଗାରର ସୁବିଧା ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପାଞ୍ଚଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ ବାର୍ତ୍ତାଳାପ କରି ବିଦ୍ୟାଳୟ ରୂପାନ୍ତର ସମ୍ପର୍କରେ ନିଜ ନିଜର ମନର କଥା ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। 'ମୋ ସ୍କୁଲ' କାର୍ଯ୍ୟକ୍ରମରେ ୨୩ଟି ଜିଲ୍ଲା ପାଇଁ ମୋଟ ୧୭ କୋଟି ୭୯ ଲକ୍ଷ ଟଙ୍କାର ପ୍ରକଳ୍ପକୁ ସରକାରଙ୍କ ଅନୁମୋଦନ ମିଳିଛି। ଏହି କାର୍ଯ୍ୟକ୍ରମ ସ୍କୁଲର ପୂରାତନ ଓ ନୂତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଯୋଗର ସେତୁ ଭଳି କାର୍ଯ୍ୟ କରୁଛି ଏବଂ ସ୍କୁଲର ବିକାଶ ଯୋଜନାରେ ଗୋଷ୍ଠୀ ଭାଗିଦାରିତା ମନୋଭାବକୁ ପ୍ରୋତ୍ସାହନ ଦେଉଛି। ତେବେ 'ମୋ ସ୍କୁଲ' ହେଉ କିମ୍ବା ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ହେଉ, ଏ ସବୁ କେବଳ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ସୀମିତ ନ ରହି ନିପଟ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡିକରେ ଠିକ ଭାବରେ କାର୍ଯ୍ୟକାରୀ ହେବା ଉଚିତ। ପିଲାମାନେ ଯେପରି ଅଧାରୁ ପାଠପଢ଼ା ଛାଡି ଦେଉଛନ୍ତି, ତାହା ବର୍ତ୍ତମାନ ଚିନ୍ତାର କାରଣ ହୋଇଛି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡ୍ରପ୍ ଆଉଟ ହାର ଅଧିକ ରହୁଛି। ତେଣୁ ଅନୁନ୍ନତ ଆଦିବସୀ ବହୁଳ ଅଞ୍ଚଳରେ ବିଦ୍ୟାଳୟ ଶିକ୍ଷାର ପ୍ରସାରକୁ ଅଗ୍ରାଧିକାର ଦିଆଯିବା ବିଜ୍ଞତାର କାର୍ଯ୍ୟ ହେବ।

# ବିଶ୍ୱ ଶ୍ରମିକ ଦିବସରେ ଶୁଭ ଅନୁଚିନ୍ତା

ପ୍ରତିବର୍ଷ ମଇ ମାସ ପ୍ରଥମ ଦିନଟିକୁ ସମଗ୍ର ବିଶ୍ୱ 'ମଇ ଦିବସ' ବା 'ବିଶ୍ୱ ଶ୍ରମିକ ଦିବସ' ରୂପେ ପାଳନ କରିଥାଏ। ସାରା ବିଶ୍ୱରେ ଶ୍ରମିକମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାରିପାର୍ଶ୍ୱିକ ପରିବେଶର ବିକାଶ ସାଧନ କରିବା ତଥା ଶ୍ରମର ଗୁଣାତ୍ମକ ଓ ମାନବିକ ମୂଲ୍ୟବୋଧଭିତ୍ତିକ ବିନିଯୋଗ, ଏହି ଦିବସର ମୁଖ୍ୟ ଆଭିମୁଖ୍ୟ ଅଟେ। ଆଜିର ଦିନଟି ଶ୍ରମିକ ଶ୍ରେଣୀର ଗୌରବମୟ ଏକତା ଓ ସଂଗ୍ରାମର ଇତିହାସକୁ ବଖାଣେ। ଜଗତୀକରଣ ବ୍ୟବସ୍ଥାରେ ଯେତେବେଳେ ଶିଳ୍ପ ଓ ଶ୍ରମିକର ସଂଜ୍ଞା ବଦଳେ, ସେତେବେଳେ ଏହି ଦିବସର ପ୍ରାସଙ୍ଗିକତା କେତେଦୂର ଯଥାର୍ଥ, ତାହା ସମସ୍ତଙ୍କୁ ନିଶ୍ଚିତ ଆଶ୍ଚର୍ଯ୍ୟ କଲାଭଳି ଏକ ପ୍ରଶ୍ନ। ଏହି ପ୍ରଶ୍ନର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଏ ମାଟିର ଶ୍ରମିକ ମୁକ୍ତି, ସମତା ଓ ଭାତୃତ୍ୱ ହାସଲର ଲକ୍ଷ୍ୟ ସ୍ଥଳରେ ଏବେ ସୁଦ୍ଧା ପହଞ୍ଚି ପାରି ନାହାଁନ୍ତି। କେବଳ ବିଧି ରକ୍ଷା କରି ଆମେ ଏହି ମେ' ପହିଲାକୁ ସଭା ଓ ଶୋଭାଯାତ୍ରା ମାଧ୍ୟମରେ କର୍ତ୍ତବ୍ୟ ପାଳନ କରିବା ପରି ମନେ ହେଉଛି। ଶ୍ରମିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଜନା ପରେ ଯୋଜନା ଓ ପ୍ୟାକେଜର ଲମ୍ବା ତାଲିକା ପ୍ରସ୍ତୁତ ହେଉଛି। ହେଲେ ବାସ୍ତବରେ ଆଜି ବି ଶ୍ରମିକ ପାଦରେ ବେଢ଼ି ପକାଇଛି ଶୋଷଣ, କଷଣ, ଦାରିଦ୍ର୍ୟ ଓ କ୍ଷୁଧା।

ଆଖି ବୁଲାଇ ଆଣିଲେ ଚାରିଆଡ଼? ପ୍ରଗତିଶୀଳ ଭାରତର ସୁନ୍ଦର ସହର ଓ ଗାଁ, ମଲ ରୁ ମଲ୍ଟି ପ୍ଲେକ୍ସ, କମ୍ପାନୀରୁ କାରଖାନା, ଫ୍ଲାଏ ଓଭର ବ୍ରିଜରୁ ଜାତୀୟ ରାଜପଥ - ଏମିତିକି ଏ ମହାନଗରର ଯେତେସବୁ ନଦୀବନ୍ଧ, ଏୟାରପୋର୍ଟ, ମେଡିକାଲ, ନିର୍ମାଣ ବାଟ- ଘାଟ, ଅଫିସ୍ ଠାରୁ ଆରମ୍ଭ କରି ନୂଆ ଭାରତର ଆଧୁନିକତାର ସ୍ୱର୍ଶ ଯାଏ - ବାସ୍ତବରେ ସବୁ ପଛର ଶ୍ରେୟ ଥାଏ ଶ୍ରମିକର। ହେଲେ ବାଃ ବାଃ ନିଅନ୍ତି ରାଜନୈତିକ ନେତାଙ୍କ ଠାରୁ ଆରମ୍ଭ କରି ଇଞ୍ଜିନିୟର ଠିକାଦାର ଓ ଧନୀକ ଶ୍ରେଣୀର ବ୍ୟକ୍ତି ବା ସମ୍ଭ୍ରାନ୍ତ ଶ୍ରେଣୀ। ହେଲେ ସମସ୍ତେ ଭୁଲିଯାଆନ୍ତି ପ୍ରକୃତ ବାହାଦୂରୀ ଶିଳ୍ପୀକୁ। ଯେଉଁମାନେ ଦିନରାତିକୁ ଏକ କରି ଓ ଝାଳରକ୍ତକୁ ପାଣିକରି ଏସବୁ ଗଢିବାରେ ନିଜ ଜୀବନକୁ ବାଜି ଲଗାଇଥାନ୍ତି। ସେମିତି ଏହି ଶିଳ୍ପୀ ଓ ଶ୍ରମିକଙ୍କ ଜୀବନ କିନ୍ତୁ ଦୁର୍ବିସହ। ସରକାରଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ସେମାନଙ୍କୁ ସର୍ବଦା ହତାଶ, ଅବହେଳା ଓ ହତାଦର କରିଚାଲିଛି ବୋଲି ବିଭିନ୍ନ ଗଣମାଧ୍ୟମ ତଥା ସଂଗଠିତ ହେଉଥିବା ଶ୍ରମିକ ଆନ୍‌ଦୋଳନରୁ ଜଣାଯାଏ। ବିଭିନ୍ନ ସମୟରେ ଭୋଟ ହାତେଇବାକୁ ଲକ୍ଷାଧିକ ଟଙ୍କାର ଯୋଜନା ହେଉଛି ସତ କିନ୍ତୁ ସଜାଡି ହୋଇପାରୁନି ଶ୍ରମିକର ଆର୍ଥିକ ସ୍ଥିତି, ସୁଧାରି ହେଉନାହିଁ ଏମାନଙ୍କ ଜୀବନଚର୍ଯ୍ୟା। କେଉଁଠି ଛଅ ମାସର ପିଲାଙ୍କୁ ଲୁଗାରେ ବାନ୍ଧି ଅଣ୍ଟାରେ ଝୁଲେଇ ମହିଳା ଶ୍ରମିକଟିଏ ମୁଣ୍ଡରେ ବୋଝ ଲଦି ଝୁଣ୍ଟିକି ପଡୁଛି ତ କେଉଁଠି ଶିଶୁ ଶ୍ରମିକଟିଏ ମାଲିକର ବୋଲ ନମାନି ଅତ୍ୟାଚାରର ଶିକାର ହେଲାଣି। କେବେ କଡାକଡି ହେବ ଶ୍ରମ ଆଇନ୍? କେବେ ମହିଳା ଶ୍ରମିକଙ୍କ ସମସ୍ୟା ଦୂର ହେବ? କେବେ ରୋକିହେବ ଶିଶୁ ଶ୍ରମିକ? ବାସ୍ତବରେ ଶ୍ରମିକଟିଏ କେବେ ପାଇବ ତା'ର ହକ୍? ସତରେ ଏହି ପ୍ରଶ୍ନର ସଠିକ୍ ଉତ୍ତର ଆଜିବି ଅସ୍ପଷ୍ଟ ଓ ଅବୁଝା।

କେବଳ ଶ୍ରମିକ ଦିବସର ସ୍ମୃତିକୁ ମନେପକାଇ ଏହି ଦିନଟିକୁ ଛୁଟି ଦିନ ଭାବରେ ପାଳନ କରାଯାଉଛି। ଅତୀତରେ ଶ୍ରମିକଟିଏ କାର୍ଯ୍ୟ କଲାବେଳେ ବିଶ୍ରାମ କିମ୍ବା ବିରତିର ନଥିଲା ନିର୍ଦ୍ଧିଷ୍ଟ ସମୟସୀମା, ଦିନରାତି ଝାଳବୁହାଇ ଶ୍ରମିକମାନେ କାମ କରୁଥିଲେ। ଆଠ ଘଣ୍ଟା କାର୍ଯ୍ୟ ?ସମୟ ଦାବୀରୁ ଜନ୍ମ ନେଲା ବିଶ୍ୱ ଶ୍ରମିକ ଦିବସ। ପୁଞ୍ଜିବାଦୀ ବ୍ୟବସ୍ଥା ବିରୋଧରେ ବିଶ୍ୱ ଶ୍ରମଜୀବୀ ସମୁଦାୟର ଏହା ଥିଲା ପ୍ରଥମ ରାଜନୈତିକ ସଂଗ୍ରାମ। ୧୮୮୪ ମସିହା ଠାରୁ ଏହି ଦାବୀ ନେଇ ଧାରାବାହିକ ଆନ୍‌ଦୋଳନ ଆମେରିକାରେ ଚାଲିଲା। ଯୁକ୍ତରାଷ୍ଟ୍ର ଆମେରିକାର ଏହି ଆନ୍‌ଦୋଳନର ସୂତ୍ରପାତ ହୋଇଥିଲେ ହେଁ ବିଶ୍ୱର ସମସ୍ତ ସ୍ୱାଧୀନ ଓ ପରାଧୀନ ଦେଶର ଶ୍ରମଜୀବୀ ମାନଙ୍କୁ ଏହା ପ୍ରଭାବିତ କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ବାଲ୍ଟିମୋର ସହରରେ ୧୮୬୬ ମସିହା ଅଗଷ୍ଟ ମାସରେ କେତେକ ଶ୍ରମିକ ସଙ୍ଗଠନର ପ୍ରତିନିଧି ମାନେ ଏକତ୍ରିତ ହୋଇ ଆଠ ଘଣ୍ଟା ଶ୍ରମ ଦିବସ ପାଇଁ ଆଇନ ପ୍ରଣୟନ କରିବା ସହିତ ବିଭିନ୍ନ ସୁବିଧା ସୁଯୋଗ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ନେସନାଲ୍ ଲେବର ୟୁନିୟନ ମଧ୍ୟ ପୁଞ୍ଜିବାଦୀ ଦାସତ୍ୱର ଶ୍ରମଜୀବୀ ମାନଙ୍କୁ ମୁକ୍ତ କରାଇବା ପାଇଁ ଲକ୍ଷ୍ୟ ରଖିଥିଲା। ୧୯୬୮ ରେ ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ଆଠ ଘଣ୍ଟା ଶ୍ରମ ଦିବସକୁ ଗ୍ରହଣ କରିଥିଲେ। ପ୍ରଥମ ଆନ୍ତର୍ଜାତୀୟ ଜେନିଭା ଅଧିବେଶନ ମଧ୍ୟ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲା। ୧୮୮୯ ଜୁଲାଇ ୧୪ ତାରିଖରେ ପ୍ୟାରିସ ସହରରେ ବିଭିନ୍ନ ଦେଶର ସୋସିଆଲିଷ୍ଟ ଆନ୍‌ଦୋଳନରେ ଏକ ବୈଠକ ଅନୁଷ୍ଠିତ ହେଲା। ଏଥିରେ ଦ୍ୱିତୀୟ ଆନ୍ତର୍ଜାତିକ ଗଠିତ ହେଲା। ଆମେରିକା ଶ୍ରମିକ ଶ୍ରେଣୀର ବୀରତ୍ୱପୂର୍ଣ୍ଣ ମଇ ଦିବସ ସଂଗ୍ରାମରେ ଅନୁପ୍ରାଣିତ ହୋଇ ଦ୍ୱିତୀୟ ଆନ୍ତର୍ଜାତିକ ୧୮୯୦ ମସିହା ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଲେ। ସେହିଦିନ ଠାରୁ ଆଜି ଯାଏଁ ପ୍ରତି ବର୍ଷ ସେ ମାସ ଏକ ତାରିଖରେ ପାଳିତ ହୁଏ ବିଶ୍ୱ ଶ୍ରମିକ ଦିବସ। ଭାରତ ଭଳି ଦେଶ ମଧ୍ୟ ଏଥିରେ ସାମିଲ। ୧୯୨୫ ମସିହା ଫେବୃଆରୀ ମାସରେ ଏଆଇଟିୟୁସି ର ଅନୁଷ୍ଠିତ ପଞ୍ଚମ ସମ୍ମିଳନୀରେ ୮ ଘଣ୍ଟା ଶ୍ରମ ସମୟ ପାଇଁ ମତ ପ୍ରକାଶ ପାଇଲା କିନ୍ତୁ ଏହା କାର୍ଯ୍ୟକାରୀ

ହେଲା ଦେଶ ସ୍ୱାଧୀନତା ପରେ ୧୯୪୮ ମସିହାରେ ଯେତେବେଳେ ଫ୍ୟାକ୍ଟ୍ରି ଆଇନରେ ପରିବର୍ତ୍ତନ କରାଯାଇ ଦିନକୁ ଆଠ ଘଣ୍ଟା କାର୍ଯ୍ୟ ସମୟ ଧାର୍ଯ୍ୟ କରାଗଲା। ଯେଉଁ ଉଦ୍ଦେଶ୍ୟ ନେଇ ଶ୍ରମିକଙ୍କ ପାଇଁ ଏହି ଦିବସର ଉତ୍ପତ୍ତି, ଏଠି ସେ ସମସ୍ୟାର ସମାଧାନ କେବେ ହେବ ତାହା ସମୟ କହିବ।

ଏହି ଦିବସ ପାଳନ କରିବା ବେଳେ ଶ୍ରମିକ ଶ୍ରେଣୀ ସମ୍ମୁଖରେ ଗୁରୁତର ଆହ୍ୱାନ ଆସି ଉପସ୍ଥିତ। ବର୍ତ୍ତମାନ ଆମେ ସାମ୍ରାଜ୍ୟବାଦର ଆକ୍ରମଣାତ୍ମକ ଦୃଷ୍ଟିଭଙ୍ଗୀ, ପୁଞ୍ଜିବାଦୀ ମାନଙ୍କର ଜଗତୀକରଣ ଓ ଟ୍ରେଡ୍ ୟୁନିୟନ ଓ ଶ୍ରମିକର ସ୍ୱାଧୀନତା ତଥା ଗଣତାନ୍ତ୍ରିକ ବ୍ୟବସ୍ଥାର ନିୟନ୍ତ୍ରଣ ମଧ୍ୟରେ ବାସ କରୁଛୁ। ପୁଞ୍ଜିବାଦୀ ଶାସନ ବର୍ତ୍ତମାନ ବଶ୍ୱୀକରଣ ହୋଇ ଉନ୍ମୁକ୍ତ ବିଶ୍ୱବଜାର ମାଧ୍ୟମରେ ଶାସନ କରୁଛେ। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ ଓ ବିଶ୍ୱବାଣିଜ୍ୟ ସଙ୍ଗଠନ ପରସ୍ପର ମଧ୍ୟରେ ସହଯୋଗ ସ୍ଥାପନ କରି ବିଶ୍ୱବଜାରକୁ ନିୟନ୍ତ୍ରିତ କରିବା ସହିତ ବିଶ୍ୱ ପୁଞ୍ଜିପତିଙ୍କର ସ୍ୱାର୍ଥକୁ ସୁରକ୍ଷିତ କରୁଛନ୍ତି। ତେଣୁ ଶ୍ରମିକ ଶ୍ରେଣୀ ସମ୍ମୁଖରେ ବିରାଟ ଆହ୍ୱାନ। ଏହାକୁ ମୁକାବିଲା କରିବା ପାଇଁ ଟ୍ରେଡ୍ ୟୁନିୟନ୍ ମାନଙ୍କର ଐକ୍ୟ ବଦ୍ଧ ସଂଗ୍ରାମ ଲୋଡା। ଶ୍ରମ ଆୟ ସୃଷ୍ଟି କରେ, ମାନସିକ ସ୍ଥିରତା ପ୍ରଦାନ କରେ, ଜୀବନର ଗତିପଥ ନିର୍ଦ୍ଧାରଣ କରେ ଏବଂ ପରିଶେଷରେ ସମ୍ପଦ ସୃଷ୍ଟି କରି ବୃହତ୍ ସମାଜର ମଙ୍ଗଳ କରେ। ତେଣୁ ଶ୍ରମିକ ବହୁବିଧ କାର୍ଯ୍ୟର ଅଧିକାରୀ ଏବଂ ବ୍ୟାପକ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ସମାଜର ଏକ ଶକ୍ତିଶାଳୀ ମାଧ୍ୟମ। ଏହି ପୃଷ୍ଠଭୂମିରେ ବିଶ୍ୱ ଶ୍ରମିକ ଦିବସରେ ଆହ୍ୱାନ, 'ବିଶ୍ୱର ଶ୍ରମିକ ଶ୍ରେଣୀ ଏକ ହୁଅ', ତାହାହିଁ ବର୍ତ୍ତମାନର ଏକମାତ୍ର ଆବଶ୍ୟକତା। ଆଜିର ଏହି ପବିତ୍ର ଦିବସରେ ସମସ୍ତ ଶ୍ରମିକ ଭାଇ ଭଉଣୀ ମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛି।

ରମେଶ ଚନ୍ଦ୍ର ନାୟକ
କେଶରପୁର, ବକ୍ସି ବଜାର, କଟକ, ମୋ :- ୭୯୭୮୧୫୧୭୧୦.

# ୱେବ ସତସଙ୍ଗ ବର୍ତମାନ ରକ୍ଷା କବଚ

କରୋନା ମହାମାରୀ ସମୟରେ ପୃଥିବୀ ପୃଷ୍ଠରେ ବିଭିନ୍ନ ଜାଗାରେ ସତ୍ ସଙ୍ଗ ଆଲୋଚନା ଚକ୍ର କରାଇବା ପାଇଁ ୱେବ୍ ସତସଙ୍ଗ ଅନୁଷ୍ଠିତ କରିବକୁ ପ୍ରଧାନ ଆଚାର୍ଯ୍ୟ ଦେବ ନିର୍ଦ୍ଦେଶ ପ୍ରଦାନ କରିଥିଲେ।ଏହାକୁ କାର୍ଯ୍ୟକାରୀ କରିବା ପାଇଁ, ନରସିଂହ ପୁର, ଦିଲ୍ଲୀ ମୁମ୍ବାଇ ହାଇଦ୍ରାବାଦ, ଚେନ୍ନାଇ, ଗୁଜୁରାଟ, ଉତ୍ତର ପ୍ରଦେଶ, ଉତ୍ତର ପୂର୍ବ ରାଜ୍ୟ ମାନଙ୍କରେ ପ୍ରତି ଦିନ ୱେବ୍ ସତ୍ ସଙ୍ଗ ଅନୁଷ୍ଠିତ ହେଉଅଛି। ବହୁ ବିଶିଷ୍ଟ ବୁଦ୍ଧିଜୀବୀ, ସାହିତ୍ୟିକ, ବୈଜ୍ଞାନିକ, ଅଧ୍ୟାପକ ସଙ୍ଗୀତକାର, ଏଥିରେ ଯୋଗଦାନ କରି ଇଷ୍ଟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଲାଗି ରହିଛନ୍ତି।"ହଜାର ହଜାର ଭକ୍ତ ଅନୁରାଗୀ ଏହାକୁ ନିତ୍ୟଦିନ ଜୀବନ ର ମୁଖ୍ୟ କର୍ମ ରୂପେ ଗ୍ରହଣ କରିଛନ୍ତି। ପ୍ରତିଦିନ ପ୍ରାତଃ ରୁ ରାତ୍ର ପର୍ଯ୍ୟନ୍ତ ଦେଶବିଦେଶରେ ଆଭାସୀ ସତ୍ ସଙ୍ଗ ଚାଲି ଥାଏ। ଆମ ଓଡିଶା ରେ ୩୧୪ବ୍ଲକ୍, ୫୬ ସବ୍ ଡିଭିଜନ, ୩୦ଜିଲ୍ଲା ସଦର ମହକୁମା ରେ ତଥା ରାଜଧାନୀ ଭୁବନେଶ୍ୱର ସହର ରେ ପ୍ରତିଦିନ,, ୧୦ରୁ ଅଧିକ ଯୁବ ଗୋଷ୍ଠୀ ନିଷ୍ଠାର ସହିତ ପରିଚାଳନା କରୁଛନ୍ତି। ଏହାର ଏକ ମାତ୍ର ଉଦ୍ଦେଶ ଇଷ୍ଟ ପ୍ରତିଷ୍ଠା, ନିଜକୁ ସଂଶୋଧନ କରିବା, ସମବେତ ଭାବରେ ଗୁରୁ, ଇଷ୍ଟ ଙ୍କ ନିର୍ଦ୍ଦେଶ କୁ ପାଳନ କରିବା। ଆଲୋଚନା ଚକ୍ର ରେ ସୁଶ୍ରୀ ମନ୍ଦାକିନୀ ଶ୍ରେୟା ତଥା ପ୍ରଜ୍ଞାନ ମହାଭୋଇଙ୍କ ଉର୍ଜୀ ଭଜନ କୀର୍ତ୍ତନ ଅଗଣିତ ଦର୍ଶକ ଙ୍କ ମନକୁ ଛୁଇଁଥିଲା। ସହପ୍ରତୀ ରିତ୍ୱିକ ଶ୍ରୀ ରଘୁନାଥ ବସ୍ତିଆ ବିଜ୍ଞାନ ଯୋଗାଯୋଗ, ବ୍ୟବହାର, ପରିପକ୍ୱତ। ଉପରେ ଆଲୋଚନା ରଖିଥିଲେ। ପ୍ରତି ପ୍ରତ୍ୟେକ ସମୀଚୀନ ଆଚରଣ ପ୍ରଦର୍ଶନ କରିବା"ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଯୁବକ ଗୋଷ୍ଠୀ ଜାତ ମୁଣ୍ଡିଆ ର ଯୁବଗୋଷ୍ଠୀ ମନ୍ଦିର ପ୍ରାଙ୍ଗଣରୁ ସୁନ୍ଦର କୀର୍ତନ ପରିବେଷଣ କରିଥିଲେ। ଆହୁରି ଅନେକ ବିଶିଷ୍ଟ କଳାକାର ପ୍ରତି ଦିନ ଯୋଗ ଦେଇ ସମସ୍ତ ଙ୍କୁ ଅମୃତ ପରିବେଷଣ କରୁଛନ୍ତି। ରାଉରକେଲାରୁ ଶ୍ରୀ ଦେବେନ୍ଦ୍ର ନାଥ କରଙ୍କ ପରିବାର, ପୁରୀ ରୁ ଶ୍ରୀ କେଶବ ଚନ୍ଦ୍ର ସାହୁ, ଦିଲ୍ଲୀ ରୁ ଶ୍ରୀ ସରୋଜ ମହାନ୍ତି ସପରିବାର ଭକ୍ତି ନୈବେଦ୍ୟ ରେ ସାମିଲ୍ ହୁଅନ୍ତି। ସମସ୍ତେ ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ପ୍ରତି ଦିନ ପ୍ରାତଃ ସମୟରୁ ରାତ୍ର ପର୍ଯ୍ୟନ୍ତ ସେବା ରେ ଥାଆନ୍ତି।"ମୁଖ୍ୟ ବକ୍ତା ଦେଓଘର ରୁ ଆଗତ ସହ ପ୍ରତି ରିତ୍ୱିକ ଶ୍ରୀ ଶ୍ରୀଧର ସୁନ୍ଦର ମିଶ୍ର ଶ୍ରୀଶ୍ରୀ ଠାକୁର ଙ୍କ ଜୀବନୀ, ବର୍ଦ୍ଧନ ମୁଖୀ ସତସଙ୍ଗ ର କାୟା ,, ଶ୍ରୀ ଶ୍ରୀ ବଡଦା, ଶ୍ରୀ ଶ୍ରୀ ଦାଦା ବର୍ତ୍ତମାନ ର ଆଚାର୍ଯ୍ୟ ଦେବଙ୍କ ନିଷ୍ଠା, କ୍ଲେଶ ସୁଖ ପ୍ରିୟତା, ୧୦୦ଦିନ ଦୀକ୍ଷାଦାନ ପାଇଁ ଭାରତ ପରିକ୍ରମା ଓ ସେଥିରେ ଓଡିଶା ର ଅଗଣିତ ଗୁରୁ ଭାଇ ମାନଂକ ଏକ ମୁଖ୍ୟ ଭାଗୀଦାରୀ ବିଷୟରେ ଯାଜନ, କରି, ଇଷ୍ଟଭୃତି, ସ୍ୱାସ୍ଥ୍ୟ, ସଦାଚାର ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ଥିଲେ"ସତ୍ ସଙ୍ଗ ର ସହ ସଚିବ ତଥା ଓଡିଶା ସତ୍ ସଙ୍ଗ ର ମୁଖ୍ୟ ଦାୟିତ୍ୱ ରେ ଥିବା ପ୍ରତି ରିତତ୍ୱିକ୍ ଡକ୍ଟର ବିନାୟକ ମହାପାତ୍ର ଆଲୋଚନା ରେ ମୁଖ୍ୟ ଅତିଥି ରୂପେ ଯୋଗ ଦାନ ଏହି ଜନ୍ମରେ ଆମର ଇଷ୍ଟ ନିଷ୍ଠା କିପରି ବଢିବ"ତତ୍ ପ୍ରୀତି ଅର୍ଥେ କର୍ମ କରିବା, ବୃତ୍ତି ପ୍ରବୃତ୍ତି କୁ ନିୟନ୍ତ୍ରଣ କରି ଶ୍ରୀ ଶ୍ରୀ ଠାକୁର ଙ୍କ ଭାବ ଧାରାକୁ ଆଗେଇ ନେବା ଉପରେ ହୃଦୟ ସ୍ୱର୍ଶୀ ଉପଦେଶ ଦେଇ ଥିଲେ। ଆୟୋଜକ ଶ୍ରୀ ସଂଜୀବ କୁମାର ନାୟକ ଙ୍କ ପ୍ରଚେଷ୍ଟା କୁ ଧନ୍ୟବାଦ ଅର୍ପଣ କରି"ଶ୍ରୋତା ମାନଂକ ନିଷ୍ଠାର ପ୍ରଶଂସା ସହ"ସମସ୍ତ ଙ୍କ ମଙ୍ଗଳ କାମନା କରି ପ୍ରଭୁ ଙ୍କ ପାଖରେ ନିବେଦନ ରଖିଥିଲେ ଡକ୍ଟର ବିଜୟ କୁମାର ପରିଡ଼ା। ଧ୍ୱନୀ ଦେଇ ସତସଙ୍ଗ ସମାପ୍ତ ହୋଇଥିଲା। ଏହି ପରି ଆଲୋଚନା ଚକ୍ର କେବେ ଶୁଣି ନଥିବା ଏଂ ଏଥିରେ ଯୋଗଦାନ କରି ଶ୍ରୀ କୃପା ନିଧି ବିଶ୍ୱାଳ କୃପା ଧନ୍ୟ ହୋଇଥିବା ପ୍ରକାଶ କରିଛନ୍ତି।

# 'ମଇ ଏକ ଶ୍ରମିକ ଦିବସ ଏକ ବିହଙ୍ଗାବଲୋକନ'

ଅମୂଲ୍ୟ କୁମାର ପଣ୍ଡା

ଶ୍ରମିକ ମାନେ ହେଉଛନ୍ତି ଆମ ଦେଶ ମୂଳଦୁଆ। ନିଜର ରକ୍ତବୁନ୍ଦା ଦାନ କରି ଅକ୍ଳାନ୍ତ ପରିଶ୍ରମ କରି ଦେଶ ମାତୃକାର ଓଠରେ ହସ ଫୁଟାନ୍ତି। ୧୮୬୬ ମସିହା ମେ'୧ ତାରିଖ ଆମେରିକାର ଚିକାଗୋ ସହର ହେ' ମାର୍କେଟରେ ଅନେକ ଦିନ ଧରି ମଜୁରିଆ ଅସହ୍ୟ ନିର୍ଯାତନା ଭୋଗ କରୁଥିଲେ। ନିର୍ଜ୍ଯତନାର ସୀମା ଏତେ ଟପିଗଲା ଯେ, ସେମାନେ ମାନସିକ ଭାରସାମ୍ୟ ହରାଇ ବସିଲେ। ତେଣୁ ଏପରି ଘଡିସନ୍ଧି ମୁହୂର୍ତ୍ତରେ ସେମାନେ ଦୃଢ ବିଶ୍ୱାସୀ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଏକତ୍ରିତ ହେଲେ। ନିଜର ଜୀବନ ଯାଉ ଏପରି ମାନସିକ ନିର୍ଯ୍ୟାତନାରୁ ବର୍ତ୍ତିବା ପାଇଁ ସେମାନେ ଅଣ୍ଟା ଭିଡି ଆଗକୁ ବାହାରିଲେ। ଏପରିକି ଏମାନଙ୍କର ସଂଘର୍ଷ ଏତେ ଜୋର ଥିଲା ଯେ, କେତେକ ଶ୍ରମିକଙ୍କୁ ଫସିଖୁଣ୍ଟରେ ଝୁଲିବାକୁ ପଡିଥିଲା। ଅନ୍ୟମାନଙ୍କ ପରି ଏକ ସୁସ୍ଥ ସରଳ ଜୀବନ ଅତିବାହିତ କରି ଭଲରେ ଗଣ୍ଡେ ଖାଇବେ ଓ ଶାନ୍ତିରେ ରହିବା ଇତ୍ୟାଦି ଲକ୍ଷ୍ୟ ଥିଲା। ସେହି ଦିନ ଠାରୁ ସୂତ୍ରପାତ ଆଜିର ମଇ ଦିବସ ବା ଶ୍ରମିକ ଦିବସ। ପ୍ରତ୍ୟେକ ଭାରତୀୟ ଓ ବିଶ୍ୱବାସୀଙ୍କ ହୃଦବୋଧ ହେଲା ଯେ, ଶ୍ରମିକ ମାନେ ଏ ଜାତିର କର୍ଣ୍ଣଧାର। ତା'ପରେ ବିଶ୍ୱ ଶ୍ରମିକ ଆନ୍‌ଦୋଳନ ସୂତ୍ରପାତ ଚାରିଆଡେ ଦେଖାଗଲା। ୧୯୦୧ରେ ଅନ୍ତଃରାଷ୍ଟ୍ରୀୟ ଶ୍ରମିକ ମହାସଂଘ ଗଠନ କରାଗଲା। ଯାହା ହଲାଣ୍ଡରେ ଅବସ୍ଥିତ। ଏହି ସଂଘର ମୁଖ୍ୟ ଲକ୍ଷ୍ୟ ଥିଲା ଶ୍ରମିକ ମାନଙ୍କ ସୁରକ୍ଷା ଓ ସମାଜରେ ସୁସ୍ଥ ମଣିଷଟିଏ ହୋଇ ବଞ୍ଚିବାର ଅଧିକାର। ସାରା ବିଶ୍ୱର ଶ୍ରମିକମାନେ ଯେତେବେଳେ ଏକଜୁଟ ହୋଇଗଲେ ସେତେବେଳେ ଅତ୍ୟାଚାରୀ ଲୋକମାନଙ୍କ ପ୍ରାଦୁର୍ଭାବ ଲୋପ ପାଇଲା। ତା' ପରେ ଶ୍ରମିକ ମାନଙ୍କ ଜୀବନରେ ସକାଳର ନୂଆ ସୁରୁଜ ଉଇଁଲା। ସେବେ ଠାରୁ ମେ ୧ ତାରିଖରେ ସମଗ୍ର ବିଶ୍ୱବାସୀ ଶ୍ରମିକ ଦିବସ ରୂପେ ପାଳନ କରିବାକୁ ପ୍ରତିବଦ୍ଧ ହେଲେ। ଅର୍ଥାତ ମେ ୧ ତାରିଖ ହେଉଛି ଆନ୍ତର୍ଜାତୀୟ ଶ୍ରମିକ ଦିବସ। ଏହି ଦିନ ସାରା ଦୁନିଆରେ ଶ୍ରମିକ ଦିବସ ପାଳନ କରାଯାଏ। ଶ୍ରମିକମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁଭଳି ଭାବରେ ଦିନ ରାତି କାମ କରନ୍ତି, ସେମାନଙ୍କ ସମ୍ମାନରେ ଏ ଦିନଟି ଉତ୍ସର୍ଗୀକୃତ କରାଗଲା। ଏହି ଦିନ ଶ୍ରମିକଙ୍କ ଅନିଶ୍ଚିତ କାମ କରିବା ସମୟକୁ ୮ ଘଣ୍ଟା ରଖାଯାଇଥିଲା। ସେଥିପାଇଁ ଏହି ଦିନଟିକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଇଥାଏ।

ଶହ ଶହ ବର୍ଷ ପୂର୍ବରୁ ଶ୍ରମିକମାନଙ୍କ କାମ କରିବାର କିଛି ସଠିକ ସମୟସୀମା ନଥିଲା। ଶ୍ରମିକମାନେ ଅଧିକ ସମୟ କାମ କରୁଥିଲେ। ୧୮୭୭ ମସିହାରେ ଶ୍ରମିକମାନେ ନିଜ କାମ କରିବାର ସମୟସୀମା ନିର୍ଦ୍ଧାରଣ କରିବା ପାଇଁ ଏକ ଆନ୍‌ଦୋଳନ କରିଥିଲେ। ୧୮୮୬ ମସିହା ମେ ୧ ତାରିଖରେ ଆମେରିକାର ଲକ୍ଷ ଲକ୍ଷ ଶ୍ରମିକ ଏକଜୁଟ ହୋଇ ଆନ୍‌ଦୋଳନ କରିଥିଲେ। ପାଖାପାଖି ୧୧ ହଜାର କାରଖାନାର ୩ ଲକ୍ଷ ୮୦ ହଜାର ଶ୍ରମିକ ଏହି ଆନ୍‌ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍‌ଦୋଳନ ପରେ ୧୮୮୯ ମସିହାରେ ପ୍ୟାରିସରେ ଆୟୋଜିତ ହୋଇଥିବା ଅନ୍ତରାଷ୍ଟ୍ରୀୟ ମହାସଭାର ଦ୍ୱିତୀୟ ବୈଠକରେ ଫ୍‌ରେଞ୍ଚ କ୍ରାନ୍ତିକୁ ନଜରରେ ରଖି ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ଅନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କରାଯିବ ପ୍ରସ୍ତାବକୁ ସ୍ୱୀକାର କରାଯାଇଥିଲା। ଏହି ପ୍ରସ୍ତାବ ପାରିତ ହେବାପରେ ଆମେରିକାରେ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାମ କରିବା ନିୟମ ପ୍ରଚଳନ ହୋଇଥିଲା। ଏହାପରେ ସାରା ଦୁନିଆରେ ମେ ୧ ତାରିଖକୁ ଶ୍ରମିକ ଦିବସ ରୂପେ ପାଳନ କରିବା ଆରମ୍ଭ ହୋଇଥିଲା। ଭାରତରେ ପ୍ରଥମେ ୧୯୨୩ ମସିହା ମେ ୧ ତାରିଖରେ ଚେନ୍ନାଇରେ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଭାରତର ଲେବର କିଷାନ ପାର୍ଟି ଅଫ ହିନ୍ଦୁସ୍ତାନ ୧୯୨୩ ମସିହା ମେ ୧ ତାରିଖକୁ ମାଡ୍ରାସରେ ଶ୍ରମିକ ଦିବସ ପାଳନ କରିବା ଆରମ୍ଭ ହୋଇଥିଲା। ସେହିଦିନ ଠାରୁ ମେ ୧ ତାରିଖକୁ ଅନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି।

ପ୍ରତ୍ୟେକ ଦେଶର ବିକାଶରେ ଶ୍ରମିକମାନଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଦେଶର ବିକାଶରେ ଲାଗିଥାନ୍ତି ଶ୍ରମିକ ଓ ଦିନ ମଜୁରିଆ। ଯେକୌଣସି ଦେଶ, ସମାଜ ଓ ଅନୁଷ୍ଠାନର ବିକାଶ କ୍ଷେତ୍ରରେ ଶ୍ରମିକଙ୍କ ଏକ ବଡ଼ ଅବଦାନ ରହିଥାଏ। ତେଣୁ ଏମାନଙ୍କୁ ମନେପକାଇବା ପାଇଁ ପ୍ରତ୍ୟେକ ବର୍ଷ ମଇ ୧ ତାରିଖକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି। ଏହାକୁ ଖବଭକ୍ଟଙ୍କଙ୍କ୍ୱ ଉବଛ ଓ ମଇ ଦିବସ ବୋଲି ମଧ୍ୟ କୁହାଯାଏ। ଆଜିର ଦିନରେ ଦେଶର ଅଧିକାଂଶ କମ୍ପାନୀ ଛୁଟି ରହେ। କେବଳ ଭାରତ କାହିଁକି, ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ଦେଶରେ ଶ୍ରମିକ ଦିବସ ପାଳନ କରାଯାଉଛି। ତେବେ ଏହି ଶ୍ରମିକ ଦିବସ ଉପରେ ଟିକେ ବିଶେଷ ଆଲୋଚନା କରିବା। ଏହି ଦିବସ କାହିଁକି ହୋଇଥିଲା ଆଉ ଏହାର ଉଦ୍ଦେଶ୍ୟ କଣ ଥିଲା। ଆମେରିକାର ମଜଦୁର ୟୁନିୟନ ଶ୍ରମିକଙ୍କ କାମ କରିବାର ସମୟ ୮ ଘଣ୍ଟାରୁ ଅଧିକ ନକରିବା ପାଇଁ ଅନ୍‌ଦୋଳନକୁ ଓହ୍ଲାଇଥିଲା। ୟୁନିୟନର ସମସ୍ୟ ବଡ଼ ଧରଣର ହରତାଳ କରିଥିଲେ। ଏହି ସମୟରେ ଚିକାଗୋର ହେମାର୍କେଟରେ ବୋମା ବିସ୍ଫୋରଣ ହୋଇଥିଲା। ବୋମା ବିସ୍ଫୋରଣ କିଏ କରିଥିଲା, ସେକଥା କାହାକୁ ମଧ୍ୟ ଜଣାନଥିଲା। ମାତ୍ର ପ୍ରଦର୍ଶନକାରୀଙ୍କ ଉପରେ ଆଖିବୁଜା ଗୁଳିବର୍ଷା କରିଥିଲା ପୋଲିସ। ଆନ୍‌ଦୋଳନକୁ ରୋକିବା ପାଇଁ ପୋଲିସର ଏପରି କାର୍ଯ୍ୟାନୁଷ୍ଠାନରେ ବହୁ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହି ଆନ୍‌ଦୋଳନରେ ଶହୀଦ ହୋଇଥିବା ଶ୍ରମିକଙ୍କୁ ମନେରଖିବା ପାଇଁ ପ୍ରଥମ ଥର ପାଇଁ ଶ୍ରମିକ ଦିବସ ପାଳନ କରାଗଲା

। ଏହାପରେ ପ୍ୟାରିସରେ ୧୮୮୯ରେ ଅନ୍ତର୍ଜାତୀୟ ସମାଜବାଦୀ ସମ୍ମିଳନୀରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରିବାକୁ ଘୋଷଣା କରାଗଲା। ହେମାର୍କେଟରେ ହୋଇଥିବା ନରସଂଘାରରେ ମୃତ୍ୟୁବରଣ କରିଥିବା ନିର୍‌ଦ୍‌ଦୋଷ ଶ୍ରମିକଙ୍କୁ ମନେରଖିବା ପାଇଁ ଶ୍ରମିକ ଦିବସ ପାଳନ କରାଯିବାକୁ କୁହାଯାଇଥିଲା। ଏହି ଦିନ ସମସ୍ତ ଶ୍ରମିକଙ୍କ ଛୁଟି ରଖିବାକୁ ନିଷ୍ପତ୍ତି ମଧ୍ୟ ହୋଇଥିଲା। ଆଉ ଏବେ ଭାରତ ସମେତ ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ଦେଶ ଶ୍ରମିକ ଦିବସ ପାଳନ କରୁଛନ୍ତି। ଭାରତରେ ୧୯୨୩ ମସିହାରୁ ଭାରତରେ ଶ୍ରମିକ ଦିବସ ପାଳନ କରାଯାଉଛି। ଭାରତୀୟ ମଜଦୁର କିସାନ ପାର୍ଟି ନେତା କାମରେଡ ସିଙ୍ଗାରାଭେଲୁ ଚେଟ୍ୟାର ଚେନ୍ନାଇରେ ଏହାକୁ ଆରମ୍ଭ କରିଥିଲେ। ମନ୍ଦ୍ରାସ ହାଇକୋର୍ଟ ସମ୍ମୁଖରେ ମଜଦୁର କିସାନ ପାର୍ଟି ଦ୍ୱାରା ବଡ଼ ଧରଣର ପ୍ରଦର୍ଶନ କରାଯାଇଥିଲା। ଦତ୍ତାତ୍ରେୟ ନାରାୟଣ ସାମନ୍ତ, ଜର୍ଜ ଫର୍ଣ୍ଣାଣ୍ଡିସ ଇତ୍ୟାଦି ନେତା ଏହାର ନେତୃତ୍ୱ ନେଇଥିଲେ। ଭାରତରେ ମଧ୍ୟ ଶ୍ରମିକ ଦିବସ ପାଳନ କରିବା ସହ ଛୁଟି ରଖିବାକୁ ସଙ୍କଳ୍ପ ପାରିତ ହୋଇଥିଲା।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

## ମଧୁ ବାବୁ ଙ୍କ ଜୟନ୍ତୀ

ପାଟଣା , ୩୦/୪(ନି.ପ୍ର): ଉତ୍କଳୀୟ ମିଳିତ ମଞ୍ଚ ପକ୍ଷରୁ ଗତ ୨୮ ତାରିଖ ସନ୍ଧ୍ୟାରେ କୋଲକାତା ର ଉତ୍କଳୀୟ ମିଳିତ ମଞ୍ଚ ଗୃହରେ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ଶିକ୍ଷା ସେଲ ର ସମ୍ପାଦକ ପ୍ରଶାନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ । ସଭାପତି କୃତିବାସ ମହାପାତ୍ର ମଧୁବାବୁଙ୍କ ବିଷୟରେ ଅନେକ କିଛି ବକ୍ତ୍ୟବ ରଖି ଶ୍ରୋତା, ଦର୍ଶକ ମାନଙ୍କ ମନମୁଗ୍ଧ କରି ପାରିଥିଲେ । ପ୍ରଦୀପ କୁମାର ସାହୁ ମଧୁ ବାବୁଙ୍କ ବିଷୟରେ ସ୍ୱାଗତ ଭାଷଣ ରଖିଥିବା ବେଳେ, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ଓ ପ୍ରମୋଦ କୁମାର ମହାନ୍ତି ମଧୁ ସୁଦନ ଦାସଙ୍କ ନିତୀ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ କୋଲକତା ପୌର ନିଗମର ପ୍ରଶାସନିକ ଅଧିକାରୀ ଭଗବାନ ଦାସ ମଧୁବାବୁଙ୍କ ଜୀବନୀକୁ ପ୍ରତେକ ଓଡ଼ିଆ ଅନୁକରଣ କରି ଜଣେ ଓଡ଼ିଶାର ସୁଯୋଗ୍ୟ ସନ୍ତାନର ପରିଚୟ ଦେବାଟା ତାଙ୍କ ଜୟନ୍ତୀର ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ତାଙ୍କ ସ୍ୱାଗତ ଭାଷଣରେ କହିଥିଲେ । ଜିତେନ୍ଦ୍ର ଦାସ ଓ ଭରତ କୁମାର ବେହେରା ତାଙ୍କର ଭାଷଣ ରଖିଥିଲେ । ସଭା ରେ କମ୍ବୁନାଥ ଦଳାଇ, ଦେବେନ୍ଦ୍ର ଶତପଥୀ, ସୁବ୍ରତ ଦାସ, ବଂଶୀଧର ନାୟକ, ରବୀନ୍ଦ୍ର ଖୁଣ୍ଟିଆ, ଡମ୍ବୁରୁ ଧର ବାରିକ, ବିଜୟ ନାୟକ, ଅନନ୍ତ ଜେନା, ପଙ୍କଜ ଘଡ଼େଇ, ଶ୍ରୀଧର ବିଶ୍ୱାଳ, ଦାମୋଦର ବିଶ୍ୱାଳ, ବଳରାମ ପଣ୍ଡା, ରବୀନ୍ଦ୍ର ପୋହି, ବସନ୍ତ କୁମାର ମଲ୍ଲିକ, ଦୁଶାସନ ବେହେରା, ସୁରେନ୍ଦ୍ର ଖଟୁଆ ଇତ୍ୟାଦି ବହୁ ସଦସ୍ୟ ଉପସ୍ଥିତ ରହି ମଧୁବାବୁଙ୍କ ଜୟନ୍ତୀ ଶ୍ରଦ୍ଧାଞ୍ଜଳି ଉତ୍ସବ କାଯ୍ୟକ୍ରମକୁ ସଫଳ କରାଇ ଥିଲେ ।

## ଆଦର୍ଶ ଗ୍ରାମରେ ଗ୍ରାମବାସୀ ଙ୍କ ସହ ସାଂସଦ

ପାଟଣା ୩୦/୪(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଖିରେଇ ଟାଙ୍ଗରୀ ଗ୍ରାମ କୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସାଂସଦ ଙ୍କ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରିଥିବା ବେଳେ ଏନେଇ ପ୍ରଶାସନିକ ବୈଠକ ପରେ ଗ୍ରାମବାସୀ ଓ ଲୋକପ୍ରତିନିଧି ଙ୍କ ସହ ଆଲୋଚନା ସଭା କରିଛନ୍ତି ।ଖିରେଇ ଟାଙ୍ଗିରୀ ହାଟପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସାଂସଦ ଶ୍ରୀ ନାଏକ ଙ୍କ ସହ ସ୍ଥାନୀୟ ବିଧାୟକ ଅଖିଳ ଚନ୍ଦ୍ର ନାଏକ ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ,ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ କୁମାର ନାଏକ,ସରପଞ୍ଚ ସଞ୍ଜୁଲତା ନାଏକ, ପୂର୍ବତନ ସରପଞ୍ଚ ବନଜ କୁମାର ନାଏକ, ବିଜେପି ମଣ୍ଡଳ ସଭାପତି ମନୋଜ ମହାନ୍ତ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହେଶ୍ୱର ନାଏକ, ପ୍ରମୁଖ ଓ୍ୱାର୍ଡ ସଦସ୍ୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଏଠାରେ ଉପସ୍ଥିତ ଥିଲେ।

## ଟଙ୍କା ଦେଉଛି ବୃଦ୍ଧବୃଦ୍ଧାଙ୍କୁ କଷ୍ଟ



ଝରିଗାଁ ୩୦/୪(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ଭତ୍ତା ଟଙ୍କା ପାଇଁ ତହ ତହ ଖରାରେ ବୃଦ୍ଧ ବୃଦ୍ଧା ସଂଘର୍ଷ । ଚଳିତ ୨୯ ଏପ୍ରିଲ ମାସ ସୁଦ୍ଧା ବି ଖାତା କୁ ଆସିନାହିଁ ଭତ୍ତା ଟଙ୍କା ଫଳରେ ବୃଦ୍ଧ ବୃଦ୍ଧା ଘରୁ ବ୍ୟାଙ୍କ ଓ ବ୍ୟାଙ୍କ ରୁ ଘରକୁ ନିତିଦିନ ଖରାରେ ଯିବା ଆସିବା କରି ହଇରାଣ ହେଉଥିବା ଦେଖିବାକୁ ମିଳୁଛି ।ବ୍ଲକରେ ହାତାହାତି ଭତ୍ତା ପାଉଥିବା ହିତାଧିକାରୀ ୧୦ହଜାର ରୁ ଉର୍ଦ୍ଧ ରହିଥିବା ବେଳେ ବ୍ୟାଙ୍କ ଖାତା (ଡିବି ଟି) ରେ ୮ହଜାର ରୁ ଉର୍ଦ୍ଧ ହିତାଧିକାରୀ ଥିବା ସୂଚନା ରହିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମାସର ୧୫ ତାରିଖ ସୁଦ୍ଧା ସମସ୍ତ ଭତ୍ତା ହିତାଧିକାରୀ ଟଙ୍କା ପାଇବା କଥା କିନ୍ତୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତା କୁ ଏଯାଏଁ ଟଙ୍କା ଆସିନାହିଁ । ବ୍ୟାଙ୍କ ଖାତାରେ ଟଙ୍କା ପାଉଥିବା ହିତାଧିକାରୀ ଗ୍ରୀଷ୍ମ ଖରାରେ ଚାଲି ଚାଲି ବ୍ୟାଙ୍କକୁ ଯାଉଛି ତ ଆଉ କିଏ ଅଟୋ ଭଡ଼ା କରି ଯାଉଛି । ବ୍ୟାଙ୍କ କୁ ଯାଇ ଲମ୍ବା ଲାଇନ ରେ ଗୋଟେ ଘଣ୍ଟା ରୁ ଉର୍ଦ୍ଧ ସମୟ ଠିଆ ହେବ ପରେ ବ୍ୟାଙ୍କ ଖାତା ଚେକ୍ କରିଲା ବେଳକୁ ଟଙ୍କା ଆସିନାହିଁ । ନିରାଶ ହୋଇ ପୁଣି ଖରାରେ ଘରକୁ ଫେରିବା କୁ ପଡୁଛି । ଆଜି ଆସିଥିବା ନେଇ ପୁଣି ସକାଳୁ ଭତ୍ତା ଟଙ୍କା ପାଇଁ ବ୍ୟାଙ୍କ ର ଲାଇନ ରେ ଆଉ କେତେ ଦିନ ଭତ୍ତା ଟଙ୍କା ବୃଦ୍ଧ ବୃଦ୍ଧାଙ୍କୁ କଷ୍ଟ ଦେବ । ହାତାହାତି ପାଉଥିବା ହିତାଧିକାରୀ ଙ୍କୁ ସଠିକ ସମୟରେ ମିଳି ଯାଉଥିବା ବେଳେ ( ଡି ବି ଟି) ବ୍ୟାଙ୍କ ଖାତାରେ ମିଳୁଥିବା ହିତାଧିକାରୀଙ୍କ ଭତ୍ତା ଟଙ୍କା ବିଳମ୍ବ କାହିଁକି ? ।

## ବିଦେଶୀ ମଦ ଜବତ ,ଜଣେ ଅଟକ

ପାଟଣା ୩୦/୪(ନି.ପ୍ର): ପାଟଣା ଥାନା ଅଞ୍ଚଳ ତେଣ୍ତେରା ଗ୍ରାମର ଗୌରହରି ମହାନ୍ତ ଙ୍କ ଠାରୁ ୧୨ ବୋତଲ ବିଦେଶୀ ମଦ ପୁଲିସ ଜବଦ କରିଛି ।ସେ ଦୋକାନ ରେ ଭାରତ ତିଆରି ବିଦେଶୀ ମଦ ବିକ୍ରି କରୁଥିବା ସମୟରେ ଏ ଏସ ଆଇ ଧନେଶ୍ୱର ପାତ୍ର ଚଢ଼ାଉ କରି ମଦ ଜବଦ କରିବା ସହ ଗୌରହରି କୁ ଥାନାକୁ ଆଣି ପଚରା ଉଚରା କରୁଛନ୍ତି।

# ପଦ ଛାଡ଼ିବାକୁ ଅମଙ୍ଗ ସିଆରସିସି

## ଛଅ ବର୍ଷ ହେଲା ଧରି ନାହାନ୍ତି ଚକ୍

ସିନାପାଲି ୩୦/୪(ନି.ପ୍ର): ବିଦ୍ୟାଳୟର ଶିକ୍ଷା ପଦ୍ଧତିକୁ ବ୍ୟବସ୍ଥିତ କରିବା ଓ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଗଣଶିକ୍ଷା ବିଭାଗ ତରଫରୁ ସିଆରସିସି ପଦବୀ ନିଯୁକ୍ତି କରାଯାଇଛି । ଏକ ନିର୍ଦ୍ଦିଷ୍ଟ ଚୟନ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ଭିତ୍ତିରେ ପ୍ରାଥମିକ ଶିକ୍ଷକ ମାନେ ହିଁ ସିଆରସିସି ନିଯୁକ୍ତି ପାଉଥିବା ବେଳେ ପ୍ରଥମେ ସେମାନେ ନିଜ ବିଦ୍ୟାଳୟ ଯାଇ ପିଲାଙ୍କୁ ପାଠ ପଢ଼ାଇବାର ନିୟମ ରହିଛି । ଏହା ପରେ ଯଦି ଆବଶ୍ୟକ ଥାଏ ତେବେ ମଧ୍ୟାହ୍ନ ଭୋଜନ ପରେ ନିଜ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟକୁ ଯାଇ କିମ୍ବା ଶିକ୍ଷା କାର୍ଯ୍ୟାଳୟ ଯାଇ ସିଆରସିସି କାର୍ଯ୍ୟ ତୁଲାଇଥାନ୍ତି । ସିଆରସିସି ମାନଙ୍କ ମୁଖ୍ୟ କାର୍ଯ୍ୟ ହେଉଛି ଶିକ୍ଷା ବିଭାଗର ବିଭିନ୍ନ ଉନ୍ନତି ମୂଳକ ସୂଚନାକୁ ବିଦ୍ୟାଳୟ ସ୍ତରରେ ପହଂଚାଇ ତାକୁ ଶିକ୍ଷକଶିକ୍ଷୟିତ୍ରୀଙ୍କ ମାଧ୍ୟମରେ କାର୍ଯ୍ୟକ୍ଷମ କରାଇବା । ଏଥିସହ ବିଦ୍ୟାଳୟ ସ୍ତରର ବିଭିନ୍ନ ସମସ୍ୟାକୁ ଶିକ୍ଷା ବିଭାଗ ନିକଟକୁ ପହଂଚାଇ ଏହାର ସମାଧାନ ଦିଗରେ ଅଧିକାରୀଙ୍କ ଦ ?ଷ୍ଟି ଆକର୍ଷଣ କରିଥାନ୍ତି । ଏତତ ବ୍ୟତିତ ଶିକ୍ଷାବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ବ୍ଲକ ସ୍ତରରେ ଆୟୋଜନ କରାଇବାରେ ସେମାନଙ୍କ ଭୂମୀକା ରହିଥାଏ । ସିଆରସିସି ମାନଙ୍କ କାର୍ଯ୍ୟକାଳ ପାଂଚ ବର୍ଷ ହୋଇଥିବା ବେଳେ ପ୍ରତି ପାଂଚବର୍ଷରେ ନୂତନ ଶିକ୍ଷକ ଏହି ସୁଯୋଗ ପାଇଥାନ୍ତି । କିନ୍ତୁ ଏହାକୁ ଏକ ବଡ଼ କ୍ଷମତା ଭାବରେ ଉପଯୋଗ କରିଆସୁଥିବା କିଛି ସ୍ୱାର୍ଥନ୍ୱେଷୀ ସିଆରସିସି ନିଜ କାର୍ଯ୍ୟକାଳ ଅବଧି ଠାରୁ ଗୋଟିଏ ବର୍ଷ ଅଧିକ ହୋଇ ସାରି ଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ସିଆରସିସି ପଦ ଛାଡ଼ିବାକୁ ଅମଙ୍ଗ ହେଉଥିବା ଏବେ ସିନାପାଲି ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି । ଫଳରେ ନୂତନ ସିଆରସିସ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟା ଶେଷ ହେବାର ମାସାଧିକ କାଳ ବିତି ଯାଇଥିଲେ ମଧ୍ୟ ନୂତନ ସିଆରସିସି ନିଯୁକ୍ତି ହୋଇ ପାରୁନାହାନ୍ତି । ଶିକ୍ଷା ବିଭାଗର କିଛି ଅସାଧୁ ଅଧିକାରୀ ଓ ବର୍ତ୍ତମାନର ସିଆରସିସିଙ୍କ ସଲାସୁତୁରା ଯୋଗୁଁ ଏହି ପ୍ରକ୍ରିୟାରେ ଆହେତୁକ ବିଳମ୍ବ ଘଟୁଥିବା ଆଲୋଚନା ହେଉଛି । ଅପରପକ୍ଷେ କଳେବଳେକୌଶଳେ ବର୍ତ୍ତମାନର ସିଆରସିସି ମାନେ ନିଜ ପଦବୀକୁ ଜାବୁଡ଼ି ରଖିବାର ଚେଷ୍ଟା ଚଳାଇ ଥିବା ଚର୍ଚ୍ଚା ହେଉଛି । ପୁନଶ୍ଚ ବିଗତ ଛଅ ବର୍ଷ ହେଲା କେବେ ବିଦ୍ୟାଳୟ ଯାଇ ଚକ ଧରି ନଥିବା ଏହି ସିଆରସିସି ପଦବୀଧାରୀ ଶିକ୍ଷକ ମାନେ ଏଣୁ ଏଣିକି ପାଠ ପଢ଼ାଇବାର ଡର ଏବଂ କ୍ଷମତା ପଳାଇବାର ଭୟରେ ପଦବୀ ଛାଡୁ ନଥିବା ଜଣାପଡୁଛି ।ଏବେ ସ୍ଥାନୀୟ ଅଂଚଳରେ ସିଆରସସି ନିଯୁକ୍ତିକୁ ନେଇ ବିଭିନ୍ନ ଆଲୋଚନା ହେଉଥିବା ବେଳେ ସିଆରସିସି ହେବା ପାଇଁ ଆଶାୟୀ ଥିବା ଶିକ୍ଷକଙ୍କ ମନରେ ଅନେକ ଆଶା ଆଶଙ୍କା ଦେଖା ଦେଇଛି । ତେଣୁ ସମସ୍ୟାର ସମାଧାନ ଓ ସମସ୍ତ ପ୍ରକ୍ରିୟା ସମାପ୍ତ ସତ୍ୱେ କାହିଁକି ନୂଆପଡ଼ା ଜିଲ୍ଲାରେ ସିଆରସିସି ନିଯୁକ୍ତି ଏଯାଏଁ ହୋଇ ପାରୁ ନାହିଁ ସେନେଇ ନୂଆପଡ଼ା ଜିଲ୍ଲାପାଳ ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ପହଲଗାମ ଆକ୍ରମଣକୁ ନିନ୍ଦା କରି ବଣିକ ସଙ୍ଘ ତରଫରୁ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡାଲ ଶୋଭାଯାତ୍ରା



ବେଲଗୁଣ୍ଠା ୩୦/୪(ନି.ପ୍ର): ମଙ୍ଗଳବାର ସନ୍ଧ୍ୟା ୭ ଘଣ୍ଟ ସମୟରେ ବେଲଗୁଣ୍ଠା ବଣିକ ସଙ୍ଘ ସଭାପତି ସନତ କୁମାର ସୁବୁଦ୍ଧି ଓ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ବଣିକ ସଙ୍ଘ କାର୍ଯ୍ୟାଳୟ ଠାରୁ ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡାଲ ଶୋଭାଯାତ୍ରା ବାହାରି ହାଟପଦା ମେନ ରୋଡ଼, ଜଗନ୍ନାଥ ପ୍ରସାଦ ରୋଡ଼,ଗୋପୀନାଥ ସାହି, ଅକ୍ଷଳିଆସାହି ଛକ, ବାଙ୍କବଜାର, ବଡଦାଣ୍ଡ ସାହି ପରିକ୍ରମା କରି ନୃସିଂହ ମନ୍ଦିର ନିକଟରେ ପହଂଚି ମୃତ ପର୍ଯ୍ୟଟକ ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡାଲ ଜଳାଇ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାସହ ଆତଙ୍କବାଦୀ ଓ ପାକିସ୍ତାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏହି ରାଲିରେ ସାମିଲ ହୋଇଥିବା ବେଲଗୁଣ୍ଠା ଅଞ୍ଚଳବାସୀ ଦାବି କରିଥିଲେ। ଆଜିର ଏହି ରାଲିରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଥାନା ଅଧିକାରୀ ବନବିହାରୀ ପ୍ରଧାନ, ନଗରପାଳ ଫିରୋଜ ସେଠୀ, କାଉଁସିଲର ଭାସ୍କର ପାତ୍ର, ଦିବ୍ୟରଞ୍ଜନ ଦାଶ, ପ୍ରଦୀପ ସେଠୀ, ଦିଲ୍ଲୀପ ଆଚାରୀ,କାଉଁସିଲର ପ୍ରତିନିଧି ରଞ୍ଜିତ ସାମଲ ଓ ଚିଦାନନ୍ଦ ପାତ୍ର, ବଣିକ ସଙ୍ଘ ଉପଦେଷ୍ଟା ତଥା ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ,ସମ୍ପାଦକ ସୁଦାମ ତ୍ରିପାଠୀ, କୋଷାଧକ୍ଷ ଗୁଣ୍ଡିଚା ବେହେରା,ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ ସାହୁ, ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ସଭାପତି ଅଭିମନ୍ୟୁ ପଟ୍ଟନାୟକ, କୋଷାଧ୍ୟକ୍ଷ ଅଶୋକ ପଣ୍ଡା,ବଣିକ ସଙ୍ଘ ପୂର୍ବତନ ସମ୍ପାଦକ କୈଳାସ ମହାପାତ୍ର, ସାମ୍ବାଦିକ ଚନ୍ଦନ ସାହୁ, ତୋଫାନ କୁମାର ସାହୁ, ସରୋଜ କୁମାର ଶତପଥୀ, ଏ ଏସ ଆଇ ଅନୁ ମଲ୍ଲିକ, ଶିକ୍ଷାବିତ ବିଜୟ ଲେଙ୍କା, ସ୍ୱେଚ୍ଛାସେବୀ ମିଟୁ ମହାରଣା, ପିଣ୍ଟୁ ଗୌଡ଼ଙ୍କ ସମେତ ବେଲଗୁଣ୍ଠା ଅଞ୍ଚଳର ବିଭିନ୍ନ ବର୍ଗର ଜନ ସାଧାରଣ ସାମିଲ ହୋଇଥିଲେ।

## ଗାଆଁ ରାସ୍ତାରେ ଟୋଲ ଗେଟ୍ ବସାଇ ବାକୁ ଅଶୋକା ବିଲ୍ଡକନ୍ ର ଦାଦାଗିରି

ବରଗଡ଼ ୩୦/୪(ନି.ପ୍ର): ୬ନଂ ମୁଖ୍ୟ ଜାତୀୟ ରାଜପଥକୁ ସମ୍ପ୍ରସାରଣ କରିବାକୁ ଯାଇ ଦୀର୍ଘବର୍ଷ ହେବ ଚାରିଥାକିଆ ରାସ୍ତା ତିଆରି କରିବାକୁ ସରକାର ବାହାଦୁର ଲୋକଙ୍କ ଗମନା ଗମନ ସହ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଅଶୋକା ବିଲ୍ଡକନ ନାମକ ଠିକା ସଂସ୍ଥା ହାତରେ ରାସ୍ତା କାମ କୁ ଟେକି ଦେଇଥିଲେ ସତ,ହେଲେ ଏଯାବତ୍ ଲୋକଙ୍କ ହିତ କଥା ତ ତେଣିକି ଥାଉ ।ଲୋକଙ୍କ ପାଇଁ ଯାହା ଥିଲା ସବୁ ଭାଙ୍ଗି ରୁଚି, ଉପାଡ଼ି ପକାଇ ଲୋକଙ୍କୁ ବର୍ଷବର୍ଷ ଧରି ଝୁଲାଇ ରଖି ଏବେବି ତ୍ରୁଟିପୂର୍ଣ୍ଣ ତଥା ଅସମ୍ପୂର୍ଣ୍ଣ ଲୁହୁରାଟଟି - ସମ୍ବଲପୁର ଚାରିଥାକିଆ ମୁଖ୍ୟ ଜାତୀୟ ରାଜପଥ ନିଇତି ଛୋଟ ମୋଟ ଦୁର୍ଘଟଣା ଠାରୁ ଆରମ୍ଭ କରି ମର୍ମନ୍ତୁଦ ଘଟଣା ଘଟି ସତେ ଯେମିତି ଲୋକଙ୍କ ପାଇଁ ଅଭିଶାପ ପାଲଟିଛି ।ପୂର୍ବରୁ ରାଜରାସ୍ତାରେ ରହିଥିବା ଯାତ୍ରୀ ବିଶ୍ରମାଗାର,ନଳକୂପ,ଶହଶହ ବର୍ଷର ପୁରୁଣା ଗଛ,ଚାଷ ଜମିକୁ ଯାଇ ଥିବା କରନାଲି ସବୁ କୁ ଭାଙ୍ଗିରୁଚି ପକାଇ ରାଜରାସ୍ତା କଡ଼ରେ ରହିଥିବା ସ୍କୁଲ କଲେଜ,ଘରଦ୍ୱାର ପାଚେରୀ କାନ୍ଥ ଗୁଡ଼ିକୁ ଭାଙ୍ଗି ବର୍ଷବର୍ଷ ଧରି ଝୁଲାଇ ରଖି ଲୋକ ଙ୍କ ପାଇଁ କୌଣସି ପ୍ରକାର ସୁବିଧା ନକରି ଦାଉ ସାଧି ନିଜର ମନ୍ ମାନି କରି ଚଢ଼ା ଦରରେ ଟୋଲ ଟିକସ ଆଦାୟ କରି ବାରମ୍ବାର ଲୋକଙ୍କ ବିରୋଧ ର ଶିକାର ହୋଇ ନିଜର ଭୁଲ ପାଇଁ ବାରମ୍ବାର ଅପଦସ୍ତ ହୋଇସାରିଥିଲେ ହେଁ 'ମତେ ଯେତେ ମାଠିବୁ ମାଠ୍ ମୁଁ ସେଇ ଦର ପୋଡା କାଠ'ଭଳି ନୀତିରେ ଜୋର୍ ଜବରଦସ୍ତ ନିକଟରେ ରହିଥିବା ଗାଆଁ ରାସ୍ତାରେ ଟୋଲ ଗେଟ୍ ବସାଇ ଅଶୋକା ବିଲ୍ଡକନ୍ ର ଦାଦାଗିରି ସାମ୍ନାକୁ ଆସିଛି ।ଯାହା ସୋମବାର ଦିନ ଜୋର୍ ଜବରଦସ୍ତ ଗାଆଁ ଆରଡି ରାସ୍ତା କୁ ଖୋଳି ଟୋଲ ଗେଟ୍ ବେନିୟମ ଭାବରେ ତିଆରି କରୁଥିବା କୁ ନେଇ ସ୍ଥାନୀୟ ଲୋକଙ୍କ ବିରୋଧ କ୍ରମେ କାର୍ଯ୍ୟ ବନ୍ଦ ଥିବାବେଳେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି ।ଅଶୋକା ବିଲ୍ଡକନ ର ମନ ମାନି ଓ ଦାଦାଗିରି ଯୋଗୁଁ ବାରମ୍ବାର ଏଭଳି ସ୍ଥିତି ସାମ୍ନାକୁ ଆସିଥିଲେ ହେଁ ଜିଲ୍ଲା ପ୍ରଶାସନ ଚେଇଁ ଶୋଇଥିବା ଲୋକେ କହନ୍ତି ।ତୁରନ୍ତ ଏ ଦିଗରେ ସମାଧାନ ର ବାଟ ଫିଟାଇ ଚାରି ଥାକିଆ ରାସ୍ତା ତିଆରି ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି କୁ ପୁରଣ କରୁ,ଦାଦାଗିରି କୁ ବିରତି ଦେଉ ନଚେତ୍ ରାଜରାସ୍ତାରୁ ମଧ୍ୟ ଟୋଲ ଗେଟ୍ ହଟାଇ ଦିଆଯିବ ବୋଲି ସାଧାରଣ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ଦୂରତା ନେଇ ରାସନ୍ ସାମଗ୍ରୀ ଆଣିବାକୁ ଅସନ୍ତୋଷ ଖାଉଟି

ଢ଼େଙ୍କାନାଳ ୩୦/୪(ନି.ପ୍ର): ରାଜ୍ୟ ସରକାର ଗରିବ ଲୋକଙ୍କ ପାଖରେ ହାତ ପାହନ୍ତାରେ ଖାଉଟି ସାମଗ୍ରୀ ପହଞ୍ଚାଇବା ସହ ସଧାରଣ ଲୋକଟିଏ ଯେମିତି ଭୋକ ଉପାସରେ ନରହିବ ସେନେଇ ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ପରିବାର ପ୍ରତି ସଦସ୍ୟଙ୍କୁ ମାସକୁ ପାଞ୍ଚକେଜି ଚାଉଳ ଓ ଅନ୍ତୋଦୟ ଯୋଜନାରେ ପ୍ରତି ପରିବାରକୁ ମାସକୁ ୩୫ କେଜି ଚାଉଳ ସରକାର ପ୍ରତି ମାସରେ ଯୋଗାଇ ଦେଉଛନ୍ତି। ତେବେ ହିନ୍ଦୋଳ ନିର୍ବାଚନମଣ୍ଡଳିରେ ଦେଖାଦେଇଛି ପ୍ରତିଶୋଧମୂଳକ ରାଜନୀତି, ପ୍ରଭାବଶାଳୀ ରାଜନେତାଙ୍କ ହାତବାରିସୀ ସାଜିଛି ପ୍ରଶାସନ ।ଜନସାଧାରଣ ତଥା ଖାଉଟିଙ୍କ ମୌଳିକଅଧିକାର ମୌଳିକସୁବିଧାକୁ ପାଦରେ ଡାଳିଦିଆଯାଉଛି ହିନ୍ଦୋଳରେ କେତେଜଣ ପ୍ରଭାବଶାଳି ପ୍ରତିଶୋଧପରାୟଣ ନେତାଙ୍କ ନିର୍ଦ୍ଦେଶରେ। ରାସନ ସାମଗ୍ରୀ ପାଇଁ ହିନ୍ଦୋଳ ବ୍ଲକ ଉପଖଣ୍ଡ ଅସରଡ଼ା ପଞ୍ଚାୟତ ଅସରଡ଼ା ଗ୍ରାମବାସୀ ଅସନ୍ତୋଷ ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରାପ୍ତ ସୁଚନା ମୁତାବକ ଗ୍ରାମର ସରସ୍ୱତୀ ଦେହୁରୀଙ୍କ ନାମେ ୨୭ ବର୍ଷ ତଳେ ରାସନ ବିତରଣ କେନ୍ଦ୍ର ଥିବା ବେଳେ ଏହି ନିକଟରେ ଏହି କେନ୍ଦ୍ରରୁ ପାଉଥିବା ମୋଟ ୨୩୫ ଜଣ ହିତାଧିକାରୀଙ୍କୁ ନିକଟସ୍ଥ ବାରସିଂଗା ଗ୍ରାମକୁ ଯାଇ ସେଠାରୁ ରାସନ ସାମଗ୍ରୀ ଆଣିବାକୁ ସ୍ପଷ୍ଟ ସୂଚନା ଦେଇଛି ପ୍ରଶାସନ । ଫଳରେ ହିତାଧିକାରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ବାରସିଂଗା ଡିଲର ପଏଣ୍ଟ ଟି ବାରସିଂଗା ଗ୍ରାମଠାରୁ ପାଖାପାଖି ୨କିମି ହୋଇଥିବା ବେଳେ ବରିଷ୍ଠ ,ଯୋବୃଦ୍ଧ, ଦିବ୍ୟାଙ୍ଗ ଓ ଅସୁସ୍ଥ ନାଗରିକମାନେ ଏତେ ଦୂରରୁ ରାସନ ସାମଗ୍ରୀ ଆଣିବା କଷ୍ଟ କର ହୋଇ ପଡ଼ିବ ବୋଲି କହିଛନ୍ତି। ଗ୍ରାମରେ ବହୁ ଦିବ୍ୟାଙ୍ଗ ଥିବାବେଳେ ଆଉ କେତେକ ଛୋଟ ପରିବାରରେ କମ୍ ସଦସ୍ୟ ଥିବାବେଳେ ରାସନ ସାମଗ୍ରୀର ମୂଲ୍ୟ ଠାରୁ ଅଟୋ ଭଡା ଅଧିକା ହୋଇଯିବ। ସେହିଭଳି ଅସରଡ଼ା ରୁ ବାରସିଂଗା କୁ ଯିବାକୁ ହେଲେ ଛୋଟ ଜଙ୍ଗଲ ଟିଏ ପଡୁଥିବାରୁ ଏଠାରେ ହାତୀ,ସାପ ଓ ହିଂସ୍ର ବନ୍ୟଜନ୍ତୁ ଭୟ ରହିଛି। ଏ ସମସ୍ତ ସମସ୍ୟାକୁ ନେଇ ଚଳିତ ମାସରେ ହିତାଧିକାରୀ ମାନେ ବାରସିଂଗା ଡିଲର ପଏଣ୍ଟରୁ ରାସନ ସାମଗ୍ରୀ ଗ୍ରହଣ କରି ନାହାନ୍ତି। ଅସରଡ଼ା ଗ୍ରାମର କୁନି ନାଏକ, ସାବିତ୍ରୀ ନାଏକ, ଚନ୍ଦ୍ରମଣି ନାଏକ, ବନ ବେହେରା, ଦିଗାମ୍ବର ସାହୁ, ପ୍ରମିଳା ନାଏକ , ରବି ନାଏକ, ଗୁରୁବାରି ନାଏକ, ଅଭିରାମ ନାଏକ, କୋଇଲି ନାଏକ, ଜୁଆଣି ବେହେରା ପ୍ରମୁଖ କୁହନ୍ତି ଭୋକ ଉପବାସରେ ରହିବୁ ପଛେ ଏତେ ଦୂରକୁ ଯାଇ ରାସନ ସାମଗ୍ରୀ ଆଣିବା ଆମ ପକ୍ଷେ ସମ୍ଭବପର ନୁହଁ। ଏ ସମସ୍ୟା ନେଇ ହିତାଧିକାରୀ ମାନେ ହିନ୍ଦୋଳ ଉପଜିଲ୍ଲାପାଳ, ହିନ୍ଦୋଳ ବିଡ଼ିଓ ଓ ଯୋଗାଣ ଅଧିକାରୀ ହିନ୍ଦୋଳଙ୍କୁ ଲିଖିତ ଭାବେ ଜଣାଇ ଥିବା କହିଛନ୍ତି।

## ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ



ନିଆଳୀ ୩୦/୪(ନି.ପ୍ର): କଟକ ଜିଲ୍ଲା କଣ୍ଠାପଡ଼ା ସ୍ଥିତ ଡିମିରି ଗ୍ରାମରେ ଥିବା ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଚଳିତ ମେଷ ବୈଶାଖ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ୨୭ତାରିଖ ରବିବାର ଠାରୁ ଆରମ୍ଭ ହେଇ ୩୦ତାରିଖ ବୁଧୁବାର ପର୍ଯ୍ୟନ୍ତ ତ୍ରିଦିବସୀୟ ଧରି ଚାଲୁ ରହିବ। ସୋମବାର ପୂଜା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କର ସହଯୋଗରେ ମନ୍ଦିର ପ୍ରାଙ୍ଗଣରୁ ଏକ କଳସ ଶୋଭାଯାତ୍ରାରେ ବାହାରି ନୋଦା, ଅରିଶୋଳ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଥିବା କନ୍ଦଳ ନଦୀରେ ପହଞ୍ଚି ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ଶେଷ କରି ଘଣ୍ଟ, ଘଣ୍ଟା, ଶଙ୍ଖ ଓ ହୁଳହୁଳି ପକାଇ ଡିମିରି ଗ୍ରାମ ପରିକ୍ରମା କରିବାର ଦେଖିବାକୁ ମିଳିଥିଲା ।ବେଦମୂର୍ତ୍ତୀ ପଣ୍ଡିତ ଭବାନୀ ପ୍ରସାଦ ଷଡ଼ଙ୍ଗୀ ଙ୍କ ତତ୍ତ୍ୱାବଧାନ ରେ ପୂଜାର୍ଚ୍ଚନା ସମ୍ପାଦିତ ହୋଇଥିଲା,ଏଥିରେ ସୁଚିତ ରଞ୍ଜନ ମହାନ୍ତି (କର୍ତ୍ତା), ମଞ୍ଜୁ ଲତା ମହାନ୍ତି (କର୍ତ୍ତୀ ), ହରିଶ ଚନ୍ଦ୍ର ଦାସ, ସନାତନ ବାରିକ, ଶ୍ରୀନିବାସ ଦାସ, ସୁନନ୍ଦା କୁମାର ଜେନା, ସୁଭାଷ ଚନ୍ଦ୍ର ବାରାଳ, ମନୋରଞ୍ଜନ ମହାନ୍ତି, କହରୀ ମହାନ୍ତି, ସୁଶାନ୍ତ ବରାଳଙ୍କ ସମେତ ୫୦ରୁ ଉର୍ଦ୍ଧ କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିଥିଲା। ବାବା ବାଲି କପିଳେଶ୍ୱରଙ୍କର ବୁଧବାର ପୂର୍ଣ୍ଣାହୁତି ସାଙ୍ଗକୁ ପ୍ରସାଦ ସେବନର ମଧ ଅୟୋଜନ ରହିଛି।

# ବିଇଓ ଅଫିସର ଅସ୍ଥାୟୀ କର୍ମଚାରୀ

## ଯୋଜନା ସଂଯୋଜକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ବୈପାରିଗୁଡା ୩୦/୪(ନି.ପ୍ର): ସାହୁବାବୁ !!! ନାମ ହିଁ ଯଥେଷ୍ଟ । ସର୍ବଶିକ୍ଷା ଅଭିଯାନରେ ଏମଆଇଏସ୍ ତଥା ଯୋଜନା ସଂଯୋଜକ ରୂପେ ନିଯୁକ୍ତ ସାହୁବାବୁ ହେଉଛନ୍ତି ବୈପାରୀଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଅସ୍ଥାୟୀ କର୍ମଚାରୀ। କିନ୍ତୁ ତାଙ୍କ ଆଦବକାଇଦା କୌଣସି ବାବୁଙ୍କ ଠାରୁ କମ୍ ନୁହେଁ। ଅଧିକାରୀଙ୍କୁ କହି ଯେକୌଣସି କାମ ସେ ସୁବିଧାରେ ସଅଳ କରାଇ ଦିଅନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ହୁଅନ୍ତୁ ଅବା ଅଭିଭାବକଗଣ ସଭିଏଁ ଛୋଟ ବଡ କାମ ପାଇଁ ପ୍ରଥମେ ସାହୁ ବାବୁଙ୍କୁ ହିଁ ଖୋଜନ୍ତି। ଯେଉଁଥିପାଇଁ ସାଧାରଣରେ ତାଙ୍କର ରହିଛି ବେଶ୍ ଖାତିର। କାଟତି ତାଙ୍କର କାହିଁରେ କ'ଣ ! କିନ୍ତୁ ମୁଖିଆଙ୍କ ଅଗୋଚରରେ ପ୍ରଚ୍ଛଦପଟରେ ରହିଛି ତାଙ୍କର ଏକ କଳା ସାମ୍ରାଜ୍ୟ। କାମ କରାଇଦେବା ବାହାନାରେ ବିଭିନ୍ନ ଆଳ ଦେଖାଇ ନିରୀହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଉଥିବା କିଛି ଶିକ୍ଷକ ଶିକ୍ଷୟିତ୍ରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଇପିଏଫ୍ ଟଙ୍କା ଉଠାଣ ହେଉ ଅବା ଏଥି ସମ୍ପର୍କୀତ କାର୍ଯ୍ୟ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭୂଆଁ ବୁଲେଇ ଜଣଙ୍କ ଠାରୁ ଥରକେ ଦୁଇ ରୁ ତିନି ହଜାର ଟଙ୍କା ସେ ଦାବି କରନ୍ତି। ଟଙ୍କା ନପାଇଲେ କାମ ଦିନ ଦିନ ପଡି ରହେ। ତେଣୁ ଅଯଥା ଝାମେଲାରେ ନ ପଶି ବିଚରା ଶିକ୍ଷକ ଶିକ୍ଷୟିତ୍ରୀ ମାଣିଆ ଦେଇ କାମ କରାଇ ନେବାକୁ ଶ୍ରେୟ ମଣନ୍ତି। ବର୍ଷସାରା ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରହିଥାଏ। ସେମାନଙ୍କୁ ବିଭିନ୍ନ ପ୍ରବେଶିକା ପରୀକ୍ଷା, ବୃତ୍ତି ପରୀକ୍ଷା, ହାଇସ୍କୁଲ, କଲେଜ୍ ଆଦିର ପରୀକ୍ଷା ପରିଚାଳନା କାମ ମଧ୍ୟ ନ୍ୟସ୍ତ ହୁଏ। ଏହି ସମୟରେ ସାହୁବାବୁ ଅସୁବିଧାରେ ଥିବା (ପାରିବାରିକ ଅବା ବ୍ୟକ୍ତିଗତ ସମସ୍ୟା ଭିତରେ ସନ୍ତୁଳିତ) ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କ ନାମରେ ଦାୟିତ୍ୱ ବଣ୍ଟନ ଆଳରେ ଚିଠି କରନ୍ତି। ଅଧିକାରୀଙ୍କ ଦସ୍ତଖତ ପୂର୍ବରୁ ସଂପୃକ୍ତ ଶିକ୍ଷକଙ୍କୁ ତାହାର ଫଟୋ ପଠାଇ ତୁମର ଏହି ଡ୍ୟୁଟି ପଡିଛି କହନ୍ତି। ଡ୍ୟୁଟି ପଡିଥିବା ଶିକ୍ଷକ/ ଶିକ୍ଷୟିତ୍ରୀ ଜଣକ ଏହି ସମୟରେ କିଂକର୍ତ୍ତବ୍ୟବିମୂଢ ହୋଇ ଉଠନ୍ତି ! ବର୍ତ୍ତମାନ ସେ କରିବେ କ'ଣ ? ନିଜ ନାମ କାଟିଦେବାକୁ ସେ ସାହୁ ବାବୁଙ୍କୁ କଲ୍ କରି ନେହୁରା ହୁଅନ୍ତି। ଗୁହାରି କରନ୍ତି। ଏହା ପରେ ସାହୁବାବୁଙ୍କ ପାଖରେ କିଛି ଭୋଗ ପଡିଗଲେ ତାଙ୍କରି ନାମକୁ କାଟିଦେଇ ଅନ୍ୟ ଜଣଙ୍କ ନାମକୁ ଯୋଡ଼ିଦେଇ ଅଧିକାରୀଙ୍କ ଦସ୍ତଖତ କରି ଚିଠି ବାହାର କରନ୍ତି। ସୂଚନା ଯୋଗ୍ୟ ଯେ ସାହୁବାବୁ କୁଆଡେ କୌଣସି ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏବେ ଆଉ ପରୀକ୍ଷା ଡ୍ୟୁଟିରେ ମଧ୍ୟ ପକାଉ ନାହାନ୍ତି। ଏହି କ୍ଷେତ୍ରରେ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେ ଅସମ୍ମାନ କରୁଥିବା ମଧ୍ୟ ଏକାଧିକ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ନିଜ କାର୍ଯ୍ୟ ପରିସର ବ୍ୟତୀତ ସେ ଶିକ୍ଷକ ପ୍ରଶିକ୍ଷଣ, ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟରେ ମଧ୍ୟ ସେ ମୁଣ୍ଡ ଖେଳାଉଥିବା ଜଣାପଡିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଫିସ୍ ସମୟ ବ୍ୟତୀତ ଅନ୍ୟ ସମୟରେ ଛୁଟିଦିନମାନଙ୍କରେ ମଧ୍ୟ ସେ ନିଜ ଅଫିସ୍ ଖୋଲା ରଖନ୍ତି। କାରଣ ଏହି ସମୟରେ ଅନୈତିକ କାର୍ଯ୍ୟ କରିବା ପାଇଁ ସେ ଭରପୁର ସୁଯୋଗ ପାଆନ୍ତି। ବିଗତ ଦିନରେ ପାଠ୍ୟ ପୁସ୍ତକ ବଣ୍ଟନ ଦାୟିତ୍ୱ ବି ସେ ସମ୍ଭାଳି ଥିଲେ। ବିଭିନ୍ନ ବିଦ୍ୟାଳୟକୁ କମ୍ ବହି ଦେଇ ଟଙ୍କା ଲୋଭରେ ବଳକା ପାଠ୍ୟ ପୁସ୍ତକକୁ ଏକ କାବାଡି ଦୋକାନରେ ବିକ୍ରି କରୁଥିବାର ଅଭିଯୋଗ ମଧ ତାଙ୍କ ବିରୁଦ୍ଧରେ ରହିଛି। ଏଥି ସମ୍ପର୍କୀତ ଫଟୋ ମଧ୍ୟ ଆମର ହସ୍ତଗତ ହୋଇଛି। ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ନିଯୁକ୍ତ ବିଏଲଓ ପରିଦର୍ଶକ ଭାବେ ଜଣେ ଅସ୍ଥାୟୀ କର୍ମଚାରୀ ରହିବାର ନିୟମ ନାହିଁ କିନ୍ତୁ ସାହୁବାବୁ ଏହି ପଦରେ ରହିବା ଅନେକଙ୍କୁ ଚକିତ କରିଛି। କେବଳ ଏସବୁ କଥା ନୁହେଁ ବ୍ଲକ୍ ସ୍ତରୀୟ ପଠନ ଲିଖନ କାର୍ଯ୍ୟକ୍ରମ ଆନୁକୁଲ୍ୟରେ ନିଜ ସ୍ତ୍ରୀକୁ ବ୍ଲକ୍ ସଂଯୋଜକ ପଦବୀରେ ନିଯୁକ୍ତ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକାଧିକ ପ୍ରଶିକ୍ଷଣ ଦେବା ହଜାର ହଜାର ଟଙ୍କା ବାଟମାରଣା କରିଥିବା ଅଭିଯୋଗ ମଧ ତାଙ୍କ ନାମରେ ରହିଥିଲା। ଅବସରପ୍ରାପ୍ତ ଶିକ୍ଷକ ଆଜୋକ ଚନ୍ଦ୍ର ଛିଞ୍ଚାଣୀ, ପଞ୍ଚାନନ ସାହୁଙ୍କୁ ସାଧନକର୍ମୀ ରୂପେ କାଗଜପତ୍ରରେ ଦର୍ଶାଇ କିଛି ସିଆରସିସି ମାଧମରେ ଯେନତେନ ପ୍ରକାରେ ଉକ୍ତ ପ୍ରଶିକ୍ଷଣ କାମ ସେ ସାରିଦେଇ ଥିଲେ। ସାଧନ କର୍ମୀ ରୂପେ ସେହି ଅବସରପ୍ରାପ୍ତ ଶିକ୍ଷକଙ୍କ ନାମରେ ବିଲ୍ କରି ଅର୍ଥ ହଡପ କରିଥିବା ଗୁରୁତର ଅଭିଯୋଗ ମଧ ସାହୁବାବୁଙ୍କ ନାମରେ ରହିଛି। ୨୦୧୨ରୁ ଦୀର୍ଘ ୧୩ ବର୍ଷ ଧରି ସେ ବୈପାରୀଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହିଁ କାର୍ଯ୍ୟରତ। ଏଠାରୁ ବଦଳି ହେଇ ଯିବାକୁ ଆଦୌ ଇଚ୍ଛା ନାହିଁ ତାଙ୍କର। କାରଣ ଏଠି ଉପୁରି ଯେମିତି ଖାତିର୍ ବି ସେମିତି। ଶୁଣିବାକୁ ମିଳୁଛି କିଛି ବର୍ଷ ତଳେ ଭୁବନେଶ୍ୱର ପାଖ ଏକ ବ୍ଲକକୁ ତାଙ୍କରି ବଦଳି ହୋଇଥିଲା କିନ୍ତୁ ଉକତ୍ରୋଚ ଦେଇ ସେହି ନିର୍ଦ୍ଦେଶନାମାକୁ ବାତିଲ କରାଇଥିଲେ ସାହୁବାବୁ ! ଆହୁରି ମଧ୍ୟ ଶୁଣାଯାଉଛି ଯେ ଏଠାରେ ନିଯୁକ୍ତି ସମୟରେ ନିଜ ପଢା ଋଣ ବାବଦରେ କିସ୍ତି ଭରିବାକୁ ଅସମର୍ଥ ଥିବା ସାହୁବାବୁଙ୍କ ନାମରେ ଏବେ ବୈପାରୀଗୁଡ଼ାର କଳାର ମୌଜାରେ ରହିଛି ୫ଏକରରୁ ଉର୍ଦ୍ଧ୍ୱ ଏକ ଡଙ୍ଗର ଜମି। ଯାହାର ଖତିୟାନ ନମ୍ବର ୩୪୨/୩୦୭। ଏହାକୁ ସେ ୨୦୨୦ରେ କିଣିଥବା ଜଣାଯାଏ। ଏହି ଜମିରେ ସେ ନିଳଗିରି ଚାଷ କରୁଥିବା ଜଣାଯାଇଛି। କେବଳ ଏତିକି ନୁହେଁ ବୈପାରୀଗୁଡ଼ା ଡାଇମଣ୍ଡ ଫିଲ୍ଡରେ ତାଙ୍କ ସ୍ତ୍ରୀଙ୍କ ନାମରେ ରହିଛି ୦.୦୨୨୨ ଡେସିମିଲ୍ ଘରବାରି ଜମି। ଯାହାକୁ ସେ ୨୦୨୨ରେ କିଣିଥିଲେ। ୨୦୨୩ରେ ଏକାଥରକେ ଲକ୍ଷାଧିକ ଟଙ୍କା ଦେଇ ଏକ ନୂଆ ହୋଣ୍ଡା ୟୁନିକର୍ଣ୍ଣ ବାଇକ୍ କିଣିଥବା ଜଣାପଡିଛି। ଜଣେ ସାଧାରଣ ଅସ୍ଥାୟୀ କର୍ମଚାରୀ ଯେ ଲୁଟିଛନ୍ତି ଏସବୁ ହେଉଛି ତାହାର ପ୍ରମାଣ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଭଳି ଭ୍ରଷ୍ଟାଚାରୀ ଦୁର୍ନୀତିଖୋର କର୍ମଚାରୀଙ୍କୁ ତୁରନ୍ତ ବଦଳି ପାଇଁ ଦାବି ଉଠିଲାଣି। କିଛି ଶିକ୍ଷକ ଶିକ୍ଷୟିତ୍ରୀ ସାହୁବାବୁଙ୍କ କାରନାମା ବିଷୟରେ ଜିଲ୍ଲାପାଳ ଏବଂ ଲୋକ ପ୍ରତିନିଧିଙ୍କୁ ମଧ୍ୟ ଜଣାଇଛନ୍ତି। ବିଭିନ୍ନ କଥାକୁ ନେଇ ଶିକ୍ଷକଙ୍କ ସହ ଏକାଧିକ ଥର ହାତାହାତି ପର୍ଯ୍ୟନ୍ତ କଥା ଗଲାଣି। ସାହୁବାବୁଙ୍କ କାର୍ଯ୍ୟଶୈଳୀ ଏବଂ ଶିକ୍ଷକଙ୍କ ପ୍ରତ୍ୟେକ କାମରେ ଅଯଥା ହସ୍ତକ୍ଷେପକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଏବେ କୁହୁଳିବାରେ ଲାଗିଛି। ବିସ୍ଫୋରଣ ପୂର୍ବରୁ ତାଙ୍କ ବିରୁଦ୍ଧରେ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଲାଣି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତାମୀଙ୍କୁ ଯୋଗାଯୋଗ କରିବାରୁ ସେ ମୋ ପାଖରେ ଏଭଳି ଅଭିଯୋଗ ଆସିନାହଁ କହିବା ସହ ଯଦି ଆସେ ତେବେ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# 'ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗୀକ କ୍ଷେତ୍ରରୁ ଆସୁଛି'





ଭୁବନେଶ୍ୱର,୩୦/୪: ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି। ସେ ପୁଣି କହିଥିଲେ, ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗୀକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗୀକ କ୍ଷେତ୍ରରୁ ଆସିଥାଏ। ଚାଷ ସହିତ ନିଜର ଅନୁଭୂତି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଚାଷ କାର୍ଯ୍ୟ କଠିନ ପରିଶ୍ରମର କାର୍ଯ୍ୟ। ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଭାଇ ଭଉଣୀମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ଜଳବାୟୁ ଅନୁକୂଳ କୃଷି କାର୍ଯ୍ୟ ଆପଣାଇବା ପାଇଁ ସେ ଚାଷୀ ଭାଇ ଭଉଣୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ପୂର୍ବ ସରକାର ଏମ.ଏସ୍.ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁସନ ଆଣି ଚୁପ୍ ରହିଗଲେ। ଆମେ କଥା ଦେଇଥିଲୁ, କଥା ରଖି ୩,୧୦୦ ଟଙ୍କା ଏମ.ଏସ୍.ପି ଦେଲୁ। ଚାଷୀଙ୍କ ପାଇଁ ଭାବନା ଭଲ ରହିବା ଉଚିତ୍। ସେତେବେଳେ ଇଛା ଶକ୍ତିର ଅଭାବ ଥିଲା, ଏବେ ଆମ ପାଖରେ ଚାଷୀଙ୍କ ଉନ୍ନତି ପାଇଁ ଇଛା ଶକ୍ତି ଅଛି। ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଆମେ ପ୍ରତି ସବ୍‌ଡିଭିଜନ୍‌ରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନେଉଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡ଼ା ଓ ବତକ ଚାଷ ପାଇଁ ରିହାତି ସହିତ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ। ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ, ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମ ଠାରେ ଓଡିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଂଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡାହେବ। କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ରାଜ୍ୟର ଚାଷୀ ଭାଇ ଭଉଣୀମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟିର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ଦେହରେ ଆଉଟ୍‌ସୋର୍ସିଂ ନିଯୁକ୍ତି

### ୩ ବର୍ଷରେ ବଢ଼ିଛନ୍ତି ୫୦ ପ୍ରତିଶତରୁ ଅଧିକ, ୨୦୨୨ରେ ଥିଲେ ୩୪୨, ଏବେ ୬୭୮



ଭୁବନେଶ୍ୱର,୩୦/୪: ଭୁବନେଶ୍ୱର ମହାନଗର ନିଗମରେ ଦିନକୁ ଦିନ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଖ୍ୟା ବଢ଼ିବାରେ ଲାଗିଛି। ବିଗତ ୩ ବର୍ଷ ଭିତରେ ୩୩୬ଜଣ ଅଧିକ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବାପେକ୍ଷା ୫୦ ପ୍ରତିଶତରୁ ଅଧିକ କର୍ମଚାରୀ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ନିଯୁକ୍ତି ପାଇଛନ୍ତି। ଏତେ ସଂଖ୍ୟାରେ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତିକୁ ନେଇ କର୍ପୋରେଟର ମାନେ ସନ୍ଦେହ ପ୍ରକଟ କରିଛନ୍ତି। କେଉଁ ଆଧାରରେ ଓ କାହା ଅନୁମତିରେ ଏତେ ସଂଖ୍ୟାରେ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତି ପାଇଛନ୍ତି, ତାହା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ୨୦୨୨ ମସିହା ଜୁନ୍ ୪ ତାରିଖ ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମରେ ୩୪୨ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଥିଲାବେଳେ ଏବେ ୬୭୮ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ଏତେ ସଂଖ୍ୟାରେ ଆଉଟ୍‌ସୋର୍ସିଂ ନିଯୁକ୍ତି ଉପରେ ସନ୍ଦେହ ପ୍ରକଟ କରିଛନ୍ତି ବିଏମ୍‌ସି ଏଷ୍ଟାବ୍ଲିସ୍‌ମେଣ୍ଟ୍ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ୩୧ ନମ୍ବର ୱାର୍ଡର କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର। ତାଙ୍କ ପାଖରେ ଯେଉଁ ତଥ୍ୟ ରହିଛି ଓ ବିଏମ୍‌ସି ଯେଉଁ ତଥ୍ୟ ଦେଉଛି, ସେଥିରେ ତାଳମେଳ ରହୁନଥିବା ସେ ଅଭିଯୋଗ କରିଛନ୍ତି। ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ତାଙ୍କ ପାଖରେ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତି ସଂଖ୍ୟାଠାରୁ ବିଏମ୍‌ସି ଦର୍ଶାଉଥିବା ତଥ୍ୟ ବହୁ ଅଧିକ ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କ ଅଜାଣତରେ କେବେ ଓ କିଏ, ଏହି ନିଯୁକ୍ତି ଦେଲା, ତା' ଉପରେ ସେ ସନ୍ଦେହ ପ୍ରକଟ କରିଛନ୍ତି। ବିଏମ୍‌ସି ତଥ୍ୟ ଅନୁଯାୟୀ, ୨୦୨୨ ଜୁନ୍ ୪ ତାରିଖ ପୂର୍ବରୁ ବିଏମ୍‌ସିର ପରିବେଶ ଉପବିଭାଗରେ ୮ଜଣ, ଡ୍ରେନେଜ୍‌ରେ ୧୦ଜଣ, ଏଷ୍ଟାବ୍ଲିସ୍‌ମେଣ୍ଟ୍‌ରେ ୧୨୪ଜଣ(ସୁରକ୍ଷା କର୍ମଚାରୀ), ଆଇଟିରେ ୩ଜଣ(କମିସନରଙ୍କ ଅନୁମୋଦନକ୍ରମେ), ସିଏମ୍‌ଏମ୍‌ଓରେ ୮୨ଜଣ, ପରିମଳରେ ୨୦ଜଣ ପରିମଳ ଇନ୍ସପେକ୍ଟର, ୫୨ଜଣ ଏସ୍‌ଏମ୍‌ଟିଏ, ୧୯ଜଣ ଏକ୍ସପର୍ଟ ଓ ଏସ୍‌ବିଏ ସେଲ୍ ଷ୍ଟାଫ୍, ୪ଜଣ ଏସ୍‌ଡବ୍ଲ୍ୟୁଏମ୍‌ପିଏମ୍‌ୟୁ, ୧୦ଜଣ ଜେନେରାଲ୍ ଓ ଏମ୍?ୟୁ କର୍ମଚାରୀ, ୧୦ଜଣ ଇଲେକ୍ଟ୍ରିସିଆନ୍ ଆଉଟ୍‌ସୋର୍ସିଂରେ ନିଯୁକ୍ତ ହୋଇଥିଲେ। ବର୍ତ୍ତମାନ ପରିବେଶ ଉପବିଭାଗରେ ୭ଜଣ, ଡ୍ରେନେଜ୍‌ରେ ୯ଜଣ, ଅର୍ଥ ବିଭାଗରେ ୭ଜଣ, ଏଷ୍ଟାବ୍ଲିସ୍‌ମେଣ୍ଟ୍‌ରେ ୩୨୦ଜଣ, ଆଇଟିରେ ୩୪ଜଣ(ଡିଇଓ), ସିଏମ୍‌ଏମ୍‌ଓରେ ୬୦ଜଣ, ଓଡିଏ କୋର୍ଟରେ ୩ଜଣ ଅମିନ, ପରିମଳରେ ୬୪ଜଣ ପରିମଳ ଇନ୍ସପେକ୍ଟର, ୬୬ଜଣ ଏସ୍‌ଏମ୍‌ଟିଏ, ୩୬ଜଣ ଏସ୍‌ବିଏ ସେଲ୍ ଓ ଏକ୍ସପର୍ଟ ଷ୍ଟାଫ୍?, ୪ଜଣ ଏସ୍‌ଡବ୍ଲ୍ୟୁଏମ୍‌ପିଏମ୍‌ୟୁ(କଠିନ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟ୍), ୧୪ଜଣ ଜେନେରାଲ୍ ଓ ଏମ୍‌ୟୁ ଷ୍ଟାଫ୍, ୩ଜଣ ଅପରେଟର ଓ ଆସିଷ୍ଟାଣ୍ଟ ଅପରେଟର, ଏନ୍‌ଫୋର୍ସମେଣ୍ଟ୍‌ରେ ୪୧ଜଣ ଅବସରପ୍ରାପ୍ତ ସେନା ଅଧିକାରୀ, ଇଲେକ୍ଟ୍ରିରେ ୧୦ଜଣ ଇଲେକ୍ଟ୍ରିସିଆନ୍‌ଙ୍କୁ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ନିଯୁକ୍ତି ଦିଆଯାଇଛି। ଯେଉଁଥିରୁ ଅଧିକାଂଶ ନିଯୁକ୍ତି ମେୟର, କମିସନର, କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି, ଟେଣ୍ଡର କମିଟି ଅନୁମୋଦନକ୍ରମେ ହୋଇଛି। ଏ ସଂପର୍କରେ ଏଷ୍ଟାବ୍ଲିସ୍‌ମେଣ୍ଟ୍ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ମହାପାତ୍ର କହିଛନ୍ତି, ଯାହା ବି ନିଯୁକ୍ତି ହେବ, ଅଧ୍ୟକ୍ଷ ଭାବେ ତାଙ୍କ ଜାଣତରେ ହେବ। ତାଙ୍କ ଅଜାଣତରେ କିଛି ହୋଇପାରିବନି। ସ୍ୱାସ୍ଥ୍ୟାବସ୍ଥା ଖରାପ କାରଣରୁ ଗତକାଲିର ମାସିକ ସମୀକ୍ଷା ବୈଠକରେ ଯୋଗ ଦେଇ ପାରିନି କି ଏହି ସମସ୍ୟା ଉପରେ ମତ ଉପସ୍ଥାପନ କରିପାରିନି। ଆସନ୍ତା ମାସିକ ବୈଠକରେ ନିଶ୍ଚିତ ଏହି ପ୍ରସଙ୍ଗ ଉଠାଇବି ଓ ଜବାବ ମାଗିବି ବୋଲି ସେ କହିଛନ୍ତି।

## କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ



ଭୁବନେଶ୍ୱର,୩୦/୪: ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ କମିଟି ଓ ଜିଲ୍ଲା କିଷାନ କଂଗ୍ରେସର ମିଳିତ ଆନୁକୂଲ୍ୟରେ ପାରମ୍ପରିକ ରୀତିରେ କ୍ଷେତରେ ଅଖୁମୁଠି ଅନୁକୂଳ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଟିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁର ଠାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ ଉତ୍ସବରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରମ୍ପରିକ ରୀତିରେ କ୍ଷେତରେ ଭୂମିପୂଜା କରିବା ସହିତ ଅକ୍ଷିମୁଠି ଅନୁକୂଳର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀଯୁକ୍ତ ଦାସ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ଅକ୍ଷୟ ତୃତୀୟାର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସୁଖ ସମୃଦ୍ଧି ଓ ପ୍ରଗତୀ କାମନା କରିଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ଦେବା ଏବଂ ସେମାନଙ୍କର ହକ୍ ପୂରଣ କରିବା ଏକାନ୍ତ ଜରୁରୀ ବୋଲି ସେ କହିଥିଲେ । ଆଜି ଅକ୍ଷିମୁଠି ଶୁଭାରମ୍ଭର ଦିନ । ତେଣୁ ସରକାର ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ଉନ୍ନତମାନର ବିହନ ସଠିକ ସମୟରେ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି । କୃଷକ ହେଲେ ଅନ୍ନଦାତା ରାଜ୍ୟ ଜନସଂଖ୍ୟାର ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏହି ବର୍ଗର ଲୋକଙ୍କର ସାମଗ୍ରିକ ବିକାଶ ନହେଲେ ରାଜ୍ୟର ପ୍ରଗତି ସମ୍ଭବ ନୁହେଁ। ନଚେତ ନ୍ୟାୟ ପଥରେ ଚାଷୀଙ୍କ ହକ୍ ପାଇଁ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା କଂଗ୍ରେସ ଲଢ଼େଇ ଜାରି ରଖୁବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ଉଦ୍‌ବୋଧନ ଦେଇ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ,ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ,ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଓଡ଼ିଶା ସହ ପ୍ରଭାରୀ ଶ୍ରୀ ସାହାନୱାଜ ଚୌଧୁରୀ, ଏକାମ୍ର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଚମ୍ପତି ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟ ଦିବସର ମହନୀୟତା ଓ କୃଷକ ସମାଜର ପ୍ରଗତୀ ପାଇଁ କଂଗ୍ରେସ ଦଳ ଅତିତରେ ଗ୍ରହଣ କରିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାସହ ସମ୍ପ୍ରତି ଚାଷୀମାନଙ୍କର ମୌଳିକ ସମସ୍ୟାକୁ ରାଜ୍ୟ ସରକାର ଆଜିର ଦିନରେ ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଶିବାନନ୍ଦ ରାୟ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ୟାସିର ନୱାଜ, କିଶୋର ଜେନା, ସମାଜସେବୀ ମୁରଲୀ ପ୍ରଧାନ, ପ୍ରକାଶ ଜେନା, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ, ସତ୍ୟବ୍ରତ ନାୟକ, ପ୍ରଣତୀ ମିଶ୍ର, ଲିଙ୍ଗରାଜ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ସାନ୍ତନୁ ସାହୁ, ଚିନ୍ମୟ ସୁନ୍ଦର ଦାସ, ସୁବ୍ରତ ମହାପାତ୍ର, ସୁଧାଂଶୁ ଦେଓ,ଦେଓ ପ୍ରସାଦ, ସୁଶାନ୍ତ ତ୍ରିପାଠୀ,ସୌମେନ୍ଦ୍ର ମହାନ୍ତି,ପ୍ରସନ୍ନ ନାୟକ, ଦୀପକ କୁମାର ମହାପାତ୍ର, ଅଶୋକ ଦାସ, ଗିତାଞ୍ଜଳି ମହାନ୍ତି,ଜୟଶ୍ରୀ ପାତ୍ର,ମନିଷା ଦାଶ ପଟ୍ଟନାୟକ,ଯୋଗିନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାଇକ ଆଖଡ଼ା, ସଂକୀର୍ତ୍ତନ, ହରିବୋଲ ହୁଳହୁଳି ଧ୍ୱନୀରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ସ୍ୱାଗତ କରାଯାଇ କ୍ଷେତ ନିକଟକୁ ପାଛୋଟି ନିଆଯାଇଥିଲା ।

## ପିସିସି ସଭାପତି ଭକ୍ତ ଚରଣ ଦାସ ଦେଶବାସୀଙ୍କ ନିକଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ: ବିଜେପି



ଭୁବନେଶ୍ୱର,୩୦/୪: ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିବା ଘଟଣାରେ ଆଜି ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ ଭକ୍ତ ଚରଣ ଦାସ ଓ କଂଗ୍ରେସ ଉପରେ ବର୍ଷିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଭକ୍ତ ଚରଣ ଦାସ ନିଜର ଟିପ୍ପଣୀ ପାଇଁ ଦେଶବାସୀଙ୍କ ନିକଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିବା ଉଚିତ। ସେ ଜଣେ ଅଭିଜ୍ଞ ରାଜନେତା ହୋଇ ମଧ ଯେଉଁଭଳି କଥା କହିଲେ ତାହା ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପୀଡ଼ିତ ୨୮ଟି ପରିବାରର କଟାଘା'ରେ ଚୂନ ଲଗାଇବା ସଦୃଶ। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି, ଭକ୍ତ ଚରଣ ଦାସ ନିଜର ଟିପ୍ପଣୀ ପାଇଁ ଦେଶବାସୀଙ୍କ ନିକଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିବା ଉଚିତ। ସେ ଜଣେ ଅଭିଜ୍ଞ ରାଜନେତା ହୋଇ ମଧ ଯେଉଁଭଳି କଥା କହିଲେ ତାହା ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପୀଡ଼ିତ ୨୮ଟି ପରିବାରର କଟାଘା'ରେ ଚୂନ ଲଗାଇବା ସଦୃଶ। ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ ଆହୁରି କହିଛନ୍ତି, ୧୯୮୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଗଲା, ସେତେବେଳେ କଂଗ୍ରେସ ଦଳ ପ୍ରାୟ ବର୍ଷକ ଆଗରୁ ନିର୍ବାଚନ କରାଇଥିଲେ। ଠିକ୍ ସେମିତି ୧୯୯୧ରେ ଯେତେବେଳେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରାଗଲା ସେତେବେଳେ ତ ଏନେଇ ବିଜେପି କୌଣସି କୁତ୍ସା ରଟନା କରିନଥିଲା। ଯେଉଁ ଏଲଟିଟିଇକୁ କଂଗ୍ରେସ ସରକାର ଫଣ୍ଡିଂ କରୁଥିଲେ, ସେହି ସଂଗଠନ ହିଁ ରାଜୀବ ଗାନ୍ଧୀଙ୍କ ଜୀବନ ନେଇଥିଲା। କେନ୍ଦ୍ର ସରକାର ନାଟକ କରୁନାହାନ୍ତି। କିଏ ନାଟକ କରୁଛି, ତାହା ଦେଶବାସୀ ଜାଣନ୍ତି। ବରିଷ୍ଠ କଂଗ୍ରେସ ନେତାମାନେ ଯେଉଁଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି, ସେଥିରୁ ସ୍ପଷ୍ଟ ହୋଇଛି ସେମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ କେଉଁଭଳି ଦୃଷ୍ଟିରେ ଦେଖୁଛନ୍ତି। ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ ଆହୁରି କହିଛନ୍ତି, ୧୯୮୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଗଲା, ସେତେବେଳେ କଂଗ୍ରେସ ଦଳ ପ୍ରାୟ ବର୍ଷକ ଆଗରୁ ନିର୍ବାଚନ କରାଇଥିଲେ। ଠିକ୍ ସେମିତି ୧୯୯୧ରେ ଯେତେବେଳେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରାଗଲା ସେତେବେଳେ ତ ଏନେଇ ବିଜେପି କୌଣସି କୁତ୍ସା ରଟନା କରିନଥିଲା। ଯେଉଁ ଏଲଟିଟିଇକୁ କଂଗ୍ରେସ ସରକାର ଫଣ୍ଡିଂ କରୁଥିଲେ, ସେହି ସଂଗଠନ ହିଁ ରାଜୀବ ଗାନ୍ଧୀଙ୍କ ଜୀବନ ନେଇଥିଲା। କେନ୍ଦ୍ର ସରକାର ନାଟକ କରୁନାହାନ୍ତି। କିଏ ନାଟକ କରୁଛି, ତାହା ଦେଶବାସୀ ଜାଣନ୍ତି। ବରିଷ୍ଠ କଂଗ୍ରେସ ନେତାମାନେ ଯେଉଁଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି, ସେଥିରୁ ସ୍ପଷ୍ଟ ହୋଇଛି ସେମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ କେଉଁଭଳି ଦୃଷ୍ଟିରେ ଦେଖୁଛନ୍ତି। ସୂଚନାଯୋଗ୍ୟ, ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ର ସରକାରଙ୍କୁ ଘେରିବା ସହିତ ପ୍ରଶ୍ନ ଉଠାଇଥିଲେ। ଭାରତ ମାଟିରେ ଆତଙ୍କବାଦୀଙ୍କ ହିନ୍ଦୁ ଶବ୍ଦ ବ୍ୟବହାର କରିବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସେ ପ୍ରଶ୍ନ କରିଛନ୍ତି ଆତଙ୍କବାଦୀ କାହିଁକି ହିନ୍ଦୁ ଶବ୍ଦ ବ୍ୟବହାର କଲେ ? କିଏ ଆତଙ୍କବାଦୀଙ୍କ ମୁହଁରେ ହିନ୍ଦୁ ଶବ୍ଦ କୁହାଇଲା ? ସେ ବ୍ୟକ୍ତି ଜଣକ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି । ହିନ୍ଦୁ ଶବ୍ଦ ତାଙ୍କ ପାଟିରେ କୁହାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଆଗକୁ ଦୁଇଟି ରାଜ୍ୟରେ ନିର୍ବାଚନ ଅଛି । ନିର୍ବାଚନ ସମୟରେ ଆତଙ୍କବାଦୀ ଆକ୍ରମଣ କାହିଁକି ହେଉଛି ? କେନ୍ଦ୍ର ସରକାର କ'ଣ ନାଟକ କରୁଛନ୍ତି କି ? ବିଜେପି ସରକାରଙ୍କ ସମୟରେ ଅନେକ ଘଟଣା ଘଟିଛି । ପାର୍ଲାମେଣ୍ଟ ଆକ୍ରମଣ, ପୁଲଓ୍ୱାମା ଘଟଣା କାହା ସମୟରେ ହୋଇଥିଲା ? କଂଗ୍ରେସ ସମୟରେ କ'ଣ ହୋଇଛି ? ଇନ୍ଦିରା ଗାନ୍ଧୀଙ୍କ ସମୟରେ ପୂରା ପାକିସ୍ଥାନ ଘେରାଉ ହୋଇଥିଲା ।

## ଦିବ୍ୟାଙ୍ଗ ପ୍ରମାଣ ପତ୍ର ଥାଇ ମଧ ମିଳୁନି ଭତ୍ତା



ମୁଖୀଗୁଡା,୩୦/୪: ଦିବ୍ୟାଙ୍ଗ ପ୍ରମାଣ ପତ୍ର ଥାଇ ବି ସନ୍ତୋଷଙ୍କୁ ମିଳୁନି ଭିନ୍ନକ୍ଷମ ଭତ୍ତା । କଳାହାଣ୍ଡି ଜିଲ୍ଲା ଜୟପାଟଣା ପଞ୍ଚାୟତ ୯ ନମ୍ବର ୱାର୍ଡ ବାସିନ୍ଦା ସନ୍ତୋଷ ଦାନି(୫୧)। ବାପା ମାଙ୍କ ମୃତ୍ୟୁ ପରେ ମାଟି ଘରଟିଏ ଥିଲା । ସେଠାରେ ରହୁଥିଲେ ଅବିବାହିତ ସନ୍ତୋଷ । ହେଲେ ଗତ ବର୍ଷ ସମ୍ପୂର୍ଣ୍ଣ ଭାଙ୍ଗି ଯିବା ପରେ ନିଜ କାକା ପୁଅ ଭାଇ ଶରତ ଦାନି ଘରେ ରହୁଛନ୍ତି । ରାସନ କାର୍ଡ ଏବଂ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଅଛି । ହେଲେ ନା ଅଛି ରହିବାକୁ ଘର ନା ମିଳିଛି ଭତ୍ତା । ଭତ୍ତା ପାଇଁ ଆବେଦନ କରିଥିବା କହିଛନ୍ତି ସନ୍ତୋଷ ହେଲେ ମଞ୍ଜୁର ହୋଇନାହିଁ । ଭଲ ଭାବରେ ଶୁଣି ପାରୁ ନଥିଲେ ହେଁ ଏକ ସାଇକେଲ ମେକାନିକ ପାଖରେ କାମ କରି ଯାହା କିଛି ମିଳୁ ଥିଲା କଷ୍ଟେ ମଷ୍ଟେ ଚଳୁ ଥିଲେ ଏବେ ଟିକେ ଦୃଷ୍ଟି ଶକ୍ତି କମି ଯିବା ପରେ ଆଉ କିଛିକାମ କରୁ ନାହାନ୍ତି । ସମ୍ପୂର୍ଣ୍ଣ ଭାଇଙ୍କ ଭରଷାରେ ରହୁଛନ୍ତି ତାଙ୍କୁ ମଧ ଏହି ମହଙ୍ଗା ଜମାନାରେ ଚଳିବା କଷ୍ଟକର ହୋଇ ପଡୁଥିବାବେଳେ ସରକାରଙ୍କ ତରଫରୁ ଭତ୍ତା ମିଳିଲେ ଦୈନିକ ଆବଶ୍ୟକତା ପୁରଣ ହୋଇ ପାରନ୍ତା ବୋଲି କହିଛନ୍ତି ସନ୍ତୋଷ । ଆବାସ ଯୋଜନାରେ ଘର ପାଇଁ ସରପଞ୍ଚ ଠାରୁ ବିଡ଼ିଓଙ୍କୁ ଜଣାଇଥିଲେ ହେଁ ଏପର୍ଯ୍ୟନ୍ତ ମିଳିନାହିଁ । ଜିଲ୍ଲା ପ୍ରଶାସନ ତରଫରୁ ସନ୍ତୋଷଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ